## ଓଡ଼ିଆ ମାତୃଭାଷା ଦିବସ ପାଳିତ

ନୂଆପଡ଼ା ଅଫିସ: ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ବୃନ୍ଦିକୋମନା ପଞ୍ଚାୟତ ପଣ୍ଡରାପଥରଠାରେ ମଦର ଟେରେସା ସେବା କେନ୍ଦ୍ର ପକ୍ଷରୁ ଓଡ଼ିଆ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦକ ଶେଷଦେବ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତେ ନିଜ ମାତୃଭୂମି ମାତୃଭାଷାର ସମ୍ମାନ ବଜାୟ ରଖିବା ପାଇଁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ଡେକୁରାମ ନାୟକ, କୁନ୍ତଲା ବେମାଲ, ମଣିମାଳିନୀ ଦେବୀ, କ୍ଷମା ଭୋଇ, ଚେତୁରାମ ପ୍ରଧାନୀ, ସ୍ୱାତାରାଣୀ ମାଝି, ଦମୟନ୍ତି ଶବର, ସୁବର୍ଣ୍ଣ ତାଣ୍ଡି, ସୁଲୋଚନା ରଣା ପ୍ରମୁଖ ସହଯୋଗ କରିଥିଲେ।

### ସଂକ୍ଷେପରେ

## ମନ୍ତ୍ରୀ ନବ ଦାସ ହତ୍ୟାର ସିବିଆଇ ତଦନ୍ତ ଦାବି

### ବ୍ଲକ ସମ୍ମୁଖରେ ବିକ୍ଷୋଭ, କୁଶପୁତ୍ତଳିକା ଦାହ

ଜୁନାଗଡ଼,୨୧।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ସମ୍ମୁଖରେ ମନ୍ତ୍ରୀ ନବକିଶୋର ଦାସ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବି ନେଇ ମଙ୍ଗଳବାର ଭାଜପା ପକ୍ଷରୁ ବିକ୍ଷୋଭ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅପରାଗତା ଯୋଗୁ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଦଳ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି। ଏହାସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ ଦଳୀୟ ନେତା ଓ କର୍ମୀ। ବିକ୍ଷୋଭ ସମାବେଶରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ରାଜ୍ୟ କାର୍ଯ୍ୟ କାରୀଣି ସଦସ୍ୟ ମନୋଜ ମେହେର, ଜିଲା ଯୁବ ମୋର୍ଚ୍ଚା ସଭାପତି ବିଜୟଦେବ ସାହୁ, ଜିଲା ଉପସଭାପତି ଅଜୟ ପାଣିଗ୍ରାହୀ, ନଗର ସଭାପତି ଶିବ ରାମ ରାଉତ, ପୂର୍ବତନ ବ୍ଲକ ଅଧକ୍ଷା ନୂର୍ଯ୍ୟ ମାଝି ପ୍ରମୁଖ ଯୋଗଦେଇଥିଲେ। ବିକ୍ଷୋଭ ସମାବେଶ ଆରମ୍ଭ ପୂର୍ବରୁ ଦଳ ପକ୍ଷରୁ ସହରରେ ଏକ ଶୋଭାଯାତ୍ରା କରାଯାଇଥିଲା।

## ଜିଲାସ୍ତରୀୟ ଉଦ୍ୟୋଗୀ ବିକାଶ ତାଲିମ ଶିବିର ଉଦ୍‌ଯାପିତ

ଖଡ଼ିଆଳ,୨୧।୨(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଅଗ୍ରସେନ ଭବନଠାରେ ଜିଲା ଶିଳ୍ପ ତାଲିମ କେନ୍ଦ୍ର ପକ୍ଷରୁ ଚାଲିଥିବା ଜିଲାସ୍ତରୀୟ ତାଲିମ ଶିବର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଖଡ଼ିଆଳ, ବୋଡ଼େନ, ସିନାପାଲିରୁ ୩୦ଜଣ ବ୍ୟକ୍ତି ତାଲିମ ନେଇଛନ୍ତି। ଉଦଯାପିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ମଡେଲ ଡିଗ୍ରୀ କଲେଜ ବାଣିଜ୍ୟ ବିଭାଗ ଅଧାପକ ଅଭିନାଶ କୁମାର ପୃଷ୍ଟି ଯୋଗଦେଇ ମାନପତ୍ର ପ୍ରଦାନ କରିଥିଲେ। ୧୫ ଦିନ ଧରି ଚାଲିଥିବା ତାଲିମକୁ ଖଡ଼ିଆଳ ଆଇପିଓ ଆନନ୍ଦ କୁମାର ବେହେରା ପରିଚାଳନା କରିଥିଲେ।

## ରିଷିଡା ଶିଶୁମନ୍ଦିରରେ ମାତୃଭାଷା ଦିବସ ପାଳିତ

କର୍ଲାମୁଣ୍ଡା,୨୧।୨(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ମାତୃଭାଷା ଦିବସ ପାକିତ ହୋଇଯାଇଛି। ବ୍ଲକ ଅଧକ୍ଷା କୁନି ସାହୁ ମୁଖ୍ୟଅତିଥି, ରିଷିଡା ସମିତି ସଭ୍ୟ ନିମାଇଁ ଚରଣ ବେହେରା, ସାମାଜିକ କର୍ମୀ ପ୍ରଦୀପ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଭାଷାର ସୁରକ୍ଷା ଓ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରଭାରୀ ପ୍ରଧାନଚାର୍ଯ୍ୟ ବାସୁଦେବ ସେଲମା ସ୍ୱାଗତ ଭାଷଣ ଦେବା ସହ ସଭା ପରିଚାଳନା କରିଥିଲେ। ଅନୁଷ୍ଠାନ ସଭାପତି ନେମିଚାନ୍ଦ ଜୈନ, ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ ମଞ୍ଚାସୀନ ଥିଲେ। ସଭା ସଂଯୋଜନା କୁବେର ନାଗ କରିଥିବା ବେଳେ ପରୀକ୍ଷିତ ନାଗ ଧନ୍ୟବାଦ ଦେଇଥିଲେ। ଲାଲୁ, ପ୍ରସନ୍ନ, ରଞ୍ଜନ, ପ୍ରଦୀପ, ନିର୍ମଳ, ବିବେକ, ରୁବି, ଝୁନି, ଶଙ୍କର, ସୁରେଶ ସହଯୋଗ କରିଥିଲେ।

# ତେଲଙ୍ଗାନାରେ ୬ ଦାଦନ ଶ୍ରମିକ ବନ୍ଧକ

ନୂଆପଡ଼ା ଅଫିସ,୨୧।୨



ବନ୍ଧକ ରହିଥିବା ଶ୍ରମିକମାନେ।

ନୂଆପଡା ଜିଲା ଜୋଙ୍କ ଥାନା ବୋଇରଭାଡି ପଞ୍ଚାୟତ ସରାଇପାଲି ଗାଁର ୬ଜଣ ଦାଦନ ଶ୍ରମିକ ତେଲଙ୍ଗାନାରେ ବନ୍ଧକ ପଡି ନିର୍ଯାତନା ଭୋଗୁଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଶ୍ରମିକମାନଙ୍କ ଜୀବନ ବିପଦରେ ଥିଲେ ମଧ୍ୟ ପ୍ରଶାସନ ଚୁପ ହୋଇ ବସିଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ବୋଇରଭାଡି ସମିତି ସଭ୍ୟ ଚନ୍ଦନ ବଞ୍ଜାରାଙ୍କ ନେତୃତ୍ୱରେ ଶ୍ରମିକ ପରିବାରର ଲୋକେ ନୂଆପଡା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର, ଜିଲା ଶ୍ରମ ଅଧିକାରୀ ରବିନ୍ଦ୍ର ବର୍ଲା, ଜୋଙ୍କ ଥାନା ଆଇଆଇସି କୈଳାଶ ଚନ୍ଦ୍ର ସେଠୀଙ୍କୁ ବନ୍ଧକ ଶ୍ରମିକମାନଙ୍କୁ ଉଦ୍ଧାର ପାଇଁ ନିବେଦନ କରିଛନ୍ତି। ପ୍ରାପ୍ତ ସୂଚନାନୁସାରେ ଗତ ଡିସେମ୍ବର ୨୮ରେ ନୂଆପଡା ସଦର ବ୍ଲକ ବୋଇରଭାଡି ପଞ୍ଚାୟତ ସାରାଇପାଲି ଗାଁର ଜୀବନ ବରିହା, ସବିତା ବରିହା, ଅଲେଖ ବରିହା, ଘନାରାମ ବରିହା, ସୋହଦ୍ରା ବରିହା, ଜନକ ବରିହା କୋମନା ଥାନା ସେମେଲପାଲି ଗାଁର ଦାଦନ ସର୍ଦ୍ଦାର ମୁଜିବ ଖାନଙ୍କଠାରୁ ଅଗ୍ରୀମ ଟଙ୍କା ନେଇ ଦାଦନ ଖଟିବାକୁ ତେଲଙ୍ଗାନାକୁ ଯାଇଥିଲେ। ପଇଦାପଲ୍ଲୀ ଜିଲା କାରିମନଗର ନିକଟସ୍ଥ ଏକ ଇଟାଭାଟିରେ ନିୟୋଜିତ ଥିଲେ। ସେଠାରେ ନିର୍ଯାତନା ହେବାରୁ ଶ୍ରମିକମାନେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର

### ଉଦ୍ଧାର କରିବାକୁ ନିବେଦନ

ପକ୍ଷରୁ ଜାନୁୟାରୀ ୧୪ରେ ଗାଁ ଲୋକଙ୍କ ସହ ଗୋକୁଳ ବରିହା ସେମେଲପାଲି ଗାଁ ଦାଦନ ସର୍ଦ୍ଦାର ମୁଜିବଙ୍କୁ ୨ ଲକ୍ଷ ୪୦ ହଜାର ଟଙ୍କା ପୈଠ କରି ପରିବାର ଲୋକଙ୍କୁ ଫେରାଇ ଆଣିବାକୁ ଅନୁରୋଧ କରିଥିଲେ। ଇଟାଭାଟି ମାଲିକଙ୍କ ଜଣେ ସମ୍ପର୍କୀୟଙ୍କ ନାମରେ ବ୍ୟାଙ୍କ ଖାତାରେ ପରିବାର ଲୋକେ ଟ୍ରେନରେ ଆସିବା ଓ ଖାଇବା ବାବଦକୁ ୨୫ ହଜାର ଟଙ୍କା ଜମା କରିଥିଲେ। ଏହି ଟଙ୍କା ଇଟାଭାଟି ମାଲିକ ନେଇଯିବା ସହ ମୋବାଇଲକୁ ମଧ୍ୟ ଲୁଟି ନେଇ ଯାଇଛି। ଇଟାଭାଟି ମାଲିକ କାମ କର ନ ହେଲେ ଗୋଡହାତ କାଟିବା ସହ ତୁମକୁ ଜୀବନରେ ମାରଦେବାକୁ ଧମକ ଦେଉଛନ୍ତି।

# ଗୁଡ଼ହାଣ୍ଡି ଉନ୍ନୟନ କମିଟି, ଜଙ୍ଗଲ ବିଭାଗ ଅଧିକାରୀଙ୍କ ସମନ୍ୱୟ ବୈଠକ



ବୈଠକରେ ଆଲୋଚନା କରାଯାଉଛି।

କୋକସରା,୨୧।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲରେ ଥିବା ଜିଲାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀଚଞ୍ଚରାଠାରେ ଉନ୍ନୟନ କମିଟି ଓ ଜଙ୍ଗଲ ବିଭାଗ ପକ୍ଷରୁ ସମନ୍ୱୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉନ୍ନୟନ କମିଟି ସଭାପତି ଭଦରେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଧର୍ମଗଡ ଫରେଷ୍ଟ ରେଞ୍ଜ ଅଫିସର ଭବାନୀ ଶଙ୍କର କାଉର, ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ଉନ୍ନୟନ ସମିତି ଉପସଭପତି ଘନଶ୍ୟାମ ନାଏକ, ଅଇରୀ ନାଶନ ଚିନ୍ଦା, ସମ୍ପାଦକ ନିଲାମ୍ବର ନାଏକ, ସହସମ୍ପାଦକ ଆଦିତ୍ୟ ପଣ୍ଡା, ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାତ୍ର, ସୁରେଶ ଅଗ୍ରୱାଲ, ଚକାଡୋଳା ପାତ୍ର, ସାମାଜିକ କର୍ମୀ ସଞ୍ଜୟ ସିଙ୍ଘଲ, ବେହେରା ଫରେଷ୍ଟର ଚିତ୍ତରଞ୍ଜନ ବେହେରା, ଫାଲ୍ଗୁନୀ ମେହେର ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ବନ ବିଭାଗ ପକ୍ଷରୁ ଜାରି ରହିଥିବା ସୌନ୍ଦର୍ଯ୍ୟକରଣ ଓ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଥିଲେ। ଆଗକୁ ଇକୋ ଟୁରିଜମ ପାଇଁ ପ୍ରଶାସନିକସ୍ତରରେ ଆଲୋଚନା କରିବା ସହ ପର୍ଯ୍ୟଟନସ୍ଥଳୀରେ ସମସ୍ତ ପ୍ରକାର ଭିତ୍ତିଭୂମି ବିକାଶ ପାଇଁ ଆଲୋଚନା କରାଯାଇଥିଲା। ଉନ୍ନୟନ କମିଟି ଓ ବନବିଭାଗ ମିଳିତ ପ୍ରୟାସରେ ପର୍ଯ୍ୟଟନସ୍ଥଳୀର ରକ୍ଷଣାବେକ୍ଷଣ ଓ ସ୍ୱଚ୍ଛତା ଉପରେ ମଧ ଆଲୋଚନା କରାଯାଇଛି।

# ୪ ମାସ ହେଲା ମିଳିନି ପିଡିଏସ୍ ସାମଗ୍ରୀ



ହିତାଧିକାରୀମାନେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ଖଡ଼ିଆଳ,୨୧।୨(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ କିରିକିଟା ଗ୍ରାମ ପଞ୍ଚାୟତ ଜୁନାପାଣି ଗ୍ରାମର ହିତାଧିକାରୀଙ୍କୁ ଗତ ୪ ମାସ ହେଲା ପିଡିଏସ ସାମଗ୍ରୀ ମିଳିନାହିଁ। ଯୋଗାଣ ସହାୟକ ସାମଗ୍ରୀ ଦେଇ ନ ଥିବା ଅଭିଯୋଗ କରି ମଙ୍ଗଳବାର ହିତାଧିକାରୀମାନେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ସୂଚନା ଅନୁସାରେ କିରିକିଟା ଗ୍ରାମ ପଞ୍ଚାୟତର ଜୁନାପାଣି ଗ୍ରାମର ହିତାଧିକାରୀ ନଭେମ୍ବର ୨୦୨୨ଠାରୁ ଫେବୃୟାରୀ ୨୦୨୩ ମାସର ମୁଣ୍ଡପ୍ରତି ୫ କେଜି ଚାଉଳ ଦେଇ ନ ଥିବା ଅଭିଯୋଗ କରିଛନ୍ତି।

### ବ୍ଲକ କାର୍ଯ୍ୟାଳୟ ଘେରାଉ, ବିଡିଓଙ୍କୁ ଦାବିପତ୍ର

ପଞ୍ଚାୟତକୁ ସାମଗ୍ରୀ ଆଣିବାକୁ ଗଲେ ତୁମର କାର୍ଡରେ ଚାଉଳ ଦିଆ ସରିଛି ବୋଲି କହି ଫେରାଇ ଦେଉଥିବା ବେଳେ ସେହି ଚାଉଳ ଆତ୍ମସାତ କରୁଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମର ପିଡିଏସ ସାମଗ୍ରୀ ପାଇ ନ ଥିବା ହିତାଧିକାରୀ ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ଏବିଡିଓ ସୁକୃ ଚନ୍ଦ୍ର ରାଠୋରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ହିତାଧିକାରୀଙ୍କୁ ପିଡିଏସ ଚାଉଳ ନ ଦେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ହିତାଧିକାରୀଙ୍କ ସହ ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି ତାଣ୍ଡି ଚେତାବନୀ ଦେଇଛନ୍ତି। ଏ ନେଇ ଖଡ଼ିଆଳ ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ତଦନ୍ତ ପରେ ସବୁ ସତ୍ୟାସତ୍ୟ ଜଣାପଡିବ ଓ ହିତାଧିକାରୀ ତାଙ୍କ ଅଧିକାର ପାଇ ପାରିବେ ବୋଲି କହିଛନ୍ତି। ଏ ନେଇ କିରିକିଟା ସରପଞ୍ଚ ଛବି ମାଝିଙ୍କୁ ପଚାରିବାରୁ ଯାହା ଅଭିଯୋଗ କରିଛନ୍ତି ତାହା ମିଛ, ସମସ୍ତଙ୍କୁ ପିଡିଏସ ସାମଗ୍ରୀ ଦିଆଯାଇଛି। ସ୍ଥାନୀୟ କିଛି ଖଳପ୍ରାକୃତିକ ଲୋକ ବଦନାମ କରୁଛନ୍ତି ବୋଲି ପ୍ରକାଶ କରିଛନ୍ତି।

## ଅଲେଖ ମହିମା ମନ୍ଦିରରୁ ଚୋରି ଅଭିଯୋଗ

ସିନାପାଲି,୨୧।୨(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ଥାନା ଅନ୍ତର୍ଗତ ଘୁଚାଗୁଡା ପଞ୍ଚାୟତ ଫୁରସୁଣ୍ଡ ନିକଟ ଉଦନ୍ତୀ ନଦୀ ମଧ୍ୟରେ ଥିବା ଅଲେଖ ମହିମା ମନ୍ଦିରର କୁମ୍ଭ ଭାଙ୍ଗି ଟଙ୍କା, ସୁନା, ରୁପା, ପୁରୁଣା ମୁଦ୍ରା ଚୋରି ହୋଇଥିବା ଜଣାପଡ଼ିଛି। ଏ ନେଇ ସିନାପାଲି ଥାନାରେ ଅଭିଯୋଗ ହୋଇଛି। କୁମ୍ଭରେ ଅନେକ ଲୋକ ଅନେକ ଶସ୍ୟ ସହ ସୁନା, ରୁପା, ପୁରୁଣା ମୁଦ୍ରା ତଥା ମୂଲ୍ୟବାନ ସାମଗ୍ରୀ ଭର୍ତ୍ତି କରିଥିଲେ। ବର୍ତ୍ତମାନ ମନ୍ଦିରରେ କେହି ରହୁ ନ ଥିବା ତଥା ପରିତ୍ୟକ୍ତ ଅବସ୍ଥାର ସୁଯୋଗ ନେଇ ଦୁର୍ବୃତ୍ତମାନେ ମନ୍ଦିର କୁମ୍ଭ ଭାଙ୍ଗି ସବୁ ଚୋରି କରି ନେଇ ଯାଇଛନ୍ତି। ଏ ନେଇ ସୋମବାର ସ୍ଥାନୀୟ ଲୋକେ ସିନାପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ସା, ସମିତି ସଭ୍ୟ ହୀରାଲାଲ ତାଣ୍ଡିଙ୍କ, ବାଳକୃଷ୍ଣ ନାଏକ, କ୍ଷମା ଶଙ୍କର ତାଣ୍ଡି, ହରେକୃଷ୍ଣ ଜଗତ, ପରମେଶ୍ୱର ସା, କୁଳମଣି ମାଝି ପ୍ରମୁଖଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

## ଉତ୍କଳ ସାହିତ୍ୟ ସମାଜ ପାଳିଲା ମାତୃଭାଷା ଦିବସ

ଖଡ଼ିଆଳ,୨୧।୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଉତ୍କଳ ସାହିତ୍ୟ ସମାଜ ଖଡିଆଳ ଶାଖା ପକ୍ଷରୁ ମାତୃଭାଷା ଦିବସ ମୁକ୍ତାପୁର କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ସଭାର ମେଜର ଡା ରାମ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଡା ଗୀତାଶ୍ରୀ ପ୍ରିୟମ୍ବଦା, ମୁଖ୍ୟଅତିଥି ଭାବେ ପ୍ରେସ କ୍ଲବ ସଭାପତି ପରମେଶ୍ୱର ବାରିକ, ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ସିଂହ ଦେଓ ଓ ଶିକ୍ଷୟିତ୍ରୀ ପ୍ରହାସିନୀ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଭାଷାର ଗୁରୁତ୍ୱ ଓ ଏହାର ସ୍ୱତନ୍ତ୍ରତା ବ୍ୟବହାର ଉପରେ ଗୁରୁତୋପ କରିଥିଲେ। ସଭାରେ ସ୍ଥାନୀୟ କଲେଜ ଛାତ୍ରୀଛାତ୍ରୀ ଉପସ୍ଥିତ ଥିଲେ। ସଂଯୋଜକ ତପନରଞ୍ଜନଦାସ ଧନ୍ୟବାଦ ଦେଇଥିଲେ।

# ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କ ବିଭିନ୍ନ ବ୍ଲକ ଗସ୍ତ



ଡବ୍ଲ୍ୟୁଓଡିସି ଅଧକ୍ଷଙ୍କ ସହ ଅନ୍ୟମାନେ ରିଷିଡ଼ା ଗସ୍ତ କରୁଛନ୍ତି।

କର୍ଲାମୁଣ୍ଡା/ରୂପ୍ରା ରୋଡ୍, ୨୧।୨(ଡି.ଏନ.ଏ.)

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ଅଧକ୍ଷ ଅସିତ କୁମାର ତ୍ରିପାଠୀ ମଙ୍ଗଳବାର କଳାହାଣ୍ଡି ଜିଲାର ବିଭିନ୍ନ ବ୍ଲକ ଗସ୍ତ କରିଛନ୍ତି। କର୍ଲାମୁଣ୍ଡା ବ୍ଲକ ରିଷିଡା ଗସ୍ତରେ ଆସି ଅଧକ୍ଷ ବାପୁଜୀ ମିନିଷ୍ଟାଡିୟମ ପରିଦର୍ଶନ କରି ଉନତମାନର ଷ୍ଟାଡିୟମ ନିର୍ମାଣ କରିବା ଉପରେ ଆଲୋଚନା କରିଥିଲେ। ରିଷିଡା ବଡ଼ବନ୍ଧ (ପୋଖରୀ) ମଧ ପରିଦର୍ଶନ କରି ମୋଡେଲ ପୋଖରୀ କରିବା ପାଇଁ ଆଲୋଚନା କରିଥିଲେ। ଏଥିସହିତ କଲ୍ୟାଣ ମଣ୍ଡପ କାମ ଶୀଘ୍ର କରିବାକୁ ପରାମର୍ଶ ଦେଇଥିଲେ। ତ୍ରିପାଠୀଙ୍କ ସହ ସିଇଓ ଅଜିତ କୁମାର ମିଶ୍ର, ସ୍ଥାନୀୟ ବିଧାୟକ ଭୂପିନ୍ଦର ସିଂ, ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ପିଡିଡିଆରଡି ଏ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ଅବିନାଶ ଠାକୁରଙ୍କ ସମେତ ଜିଲା ଓ ବ୍ଲକର ପଦାଧିକାରୀମାନେ ଉପସ୍ଥିତ ଥିଲେ। ରିଷିଡା ବାପୁଜୀ ମିନିଷ୍ଟାଡିୟମ ଗେଟରେ ବ୍ଲକ ଅଧକ୍ଷା କୁନି ସାହୁ, ବିଡିଓ ସୁଶ୍ରୀ ସୁଚରିତା ମୁଗ୍ରୀ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ସରପଞ୍ଚ ସେବତୀ ରଣା, ସମିତି ସଭ୍ୟ ସିନୁ ବେହେରା, ପିଇଓ ଦେବରାଜ ରଣାଙ୍କ ସମେତ ଗ୍ରାମର ବୁଦ୍ଧିଜୀବୀ, ଯୁବକମାନେ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ରିଷିଡା ଗ୍ରାମ ଉନ୍ନୟନ କମିଟି ପକ୍ଷରୁ ସ୍ଥାନୀୟ ସମସ୍ୟା ସମ୍ବଳିତ ଦାବିପତ୍ର ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଥିଲା। ଏହାପରେ ଅଧକ୍ଷ ତ୍ରିପାଠୀ ବେଲଖଣ୍ଡିର ଐତିହାସିକ ଶୈବପୀଠ ପରିଦର୍ଶନ କରି ବିକାଶ ପରିଷଦ ପାଣ୍ଠିରୁ ହେଉଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହା ପୂର୍ବରୁ ମ.ରାମପୁର ଗସ୍ତ କରି ରାମ ମନ୍ଦିରଠାରେ ନିର୍ମିତ କଲ୍ୟାଣମଣ୍ଡପ ଉଦ୍‌ଘାଟନ କରିଥିଲେ। ନର୍ଲାସ୍ଥିତ ରାଣୀବନ୍ଧ ପରିଦର୍ଶନ କରିଥିଲେ। ସ୍ଥାନୀୟ ବିଧାୟକ ଭୂପିନ୍ଦର ସିଂ ଏହି ବନ୍ଧକୁ ଆଦର୍ଶ ପୁଷ୍କରିଣୀ ଯୋଜନାରେ ଅନ୍ତର୍ଭୁକ୍ତ କରି ଏହାର ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାକୁ ଅଧକ୍ଷଙ୍କୁ ଅନୁରୋଧ କରିଥିଲେ। ବିଧାୟକ ଏହି କାମ ଅନେକ ଅଗ୍ରଗତି କରିଥିବା ବେଳେ ବାକି ରହିଥିବା ବନ୍ଧହୁଡା ସମ୍ପ୍ରସାରଣ, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ତଥା ପକ୍କା ରାସ୍ତା ନିର୍ମାଣ ପାଇଁ ଅଧିକ ଅର୍ଥ ବ୍ୟୟ ବରାଦ ପାଇଁ ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିର୍ମାଣାଧୀନ ମିନିଷ୍ଟାଡିୟମର ପୂର୍ଣ୍ଣାଙ୍ଗ ସହ ଇନ୍‌ଡୋର ଷ୍ଟାଡିୟମ ପାଇଁ ମଧ ଆଲୋଚନା କରିଥିଲେ।

# ଜିଲାପାଳଙ୍କ ମାଓବାଦୀପ୍ରବଣ ଉପାନ୍ତ ଅଞ୍ଚଳ ପରିଦର୍ଶନ

ନୂଆପଡ଼ା ଅଫିସ,୨୧।୨

ନୂଆପଡା ଜିଲାପାଳ ହେମକାନ୍ତ ସାଏ ମଙ୍ଗଳବାର ମାଓବାଦୀ ପ୍ରବଣ ଉପାନ୍ତ ଅଞ୍ଚଳ ପାତଲଗଙ୍ଗା ଓ ପାଟଦରା ପରିଦର୍ଶନ କରିଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ବିଭିନ୍ନ ଅଧିକାରୀଙ୍କ ସହିତ ସମୀକ୍ଷା କରି ପାତଲଗଙ୍ଗା ଓ ପାଟଦରା ଆନୁଷାଙ୍ଗିକ ଓ ଭିତ୍ତିଭୂମିର ବିକାଶ ପାଇଁ ଆଲୋଚନା କରିଥିଲେ। ପାତଲଗଙ୍ଗାଠାରେ ଜଳ ଭଣ୍ଡାରର ବିକାଶ, ଗାଧୋଇବା ଘାଟ, ସାମନ୍ତରାଳ ଗଙ୍ଗା ନିକଟରେ ଗ୍ରାମୀଣ ପାର୍କ ଏବଂ ପାଟଦରା ପାହାଡ ଅଞ୍ଚଳକୁ ଯାଇ ଗ୍ରାମୀଣ ହାଟର ବିକାଶ, ବିଭିନ୍ନ ବିଦ୍ୟାଳୟ ଉନ୍ନତିକରଣ, କଲଭର୍ଟ ଓ ବ୍ରିଜ ନିର୍ମାଣ ଉପରେ ଧ୍ୟାନ ଦେଇଥିଲେ। ପାଟଦରାଠାରେ ଥିବା ଯବାନମାନଙ୍କ ସହ ଯୋଗାଯୋଗ କରି ରାସ୍ତାଘାଟର ଉନ୍ନତି, ବ୍ରିଜ ଓ ପାନୀୟ ଜଳର ସୁବ୍ୟବସ୍ଥା କରିବା ପାଇଁ ଗୁରୁତ୍ୱ ଦେଇଥିଲେ। ପରେ ପାଟଦରା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷକମାନଙ୍କ ସହ ଆଲୋଚନା କରି ମଧ୍ୟାହ୍ନ ଭୋଜନର ଗୁଣବତା ଯାଞ୍ଚ କରିଥିଲେ। ବୋଡେନ ବିଡିଓ ପ୍ରିୟରଞ୍ଜନ କୁମାର, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଦିବ୍ୟ ଜ୍ୟୋତି ସାହୁ ସହ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କୁଟିଆ କନ୍ଧ ଉନ୍ନୟନ ସଂସ୍ଥାର ଷ୍ଟ୍ରବେରି ଚାଷ ପରିଦର୍ଶନ

ଲାଞ୍ଜିଗଡ଼,୨୧।୨(ଡି.ଏନ.ଏ.)

### ଜିଲାପାଳଙ୍କ ଲାଞ୍ଜିଗଡ଼ ବ୍ଲକ ଗସ୍ତ

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଗସ୍ତ କରିଛନ୍ତି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ। ଜିଲାପାଳ ଛତ୍ରପୁର ପଞ୍ଚାୟତ ଅନ୍ତର୍ଗତ ବାରବୁଲି ଗ୍ରାମର ଷ୍ଟ୍ରବେରି ଚାଷ ପରିଦର୍ଶନ କରିଥିଲେ। ଜିଲାପାଳ ରେଡ୍ଡୀ, ସିଡିଇଓ ଜିଲା ପରିଷଦ ସଚିନ ପାୱାର, ଲାଞ୍ଜିଗଡ଼ ବ୍ଲକ ଅଧକ୍ଷା କମଳା ପାତ୍ର, ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ପ୍ରକଳ୍ପ ସଂଯୋଜକ ଲମ୍ବୋଦର ପ୍ରଧାନ ପ୍ରମୁଖ ଛତ୍ରପୁର ପଞ୍ଚାୟତ ଅନ୍ତର୍ଗତ ବାରବୁଲି ଗ୍ରାମର ଷ୍ଟ୍ରବେରି ଚାଷ ଜମି ଯାଇ ବୁଲି ଦେଖିଥିଲେ। ସରକାରଙ୍କ ସହାୟତାରେ ଗତ ଡିସେମ୍ବର ୩୦ ତାରିଖରେ ଷ୍ଟ୍ରବେରି ଚାଷ ପାଇଁ ଅନୁମତି ମିଳିବା ପରେ ଜିଲାପାଳଙ୍କଙ୍କ ତତ୍ତ୍ୱାବଧାନରେ ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା(ଓପିଲିପି)ଦ୍ୱାରା ଜାନୁୟାରୀ ୧୦ ତାରିଖରେ ବାରବୁଲି ଗ୍ରାମର ୧୨ଟି ପରିବାରକୁ ନେଇ ୨ ହେକ୍ଟର ଜମିରେ ଏହି ଚାଷ ଆରମ୍ଭ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ସରକାରଙ୍କ ଓପିଲିପି ପ୍ରକଳ୍ପ ନିବନ୍ଧକ ପି, ଆର୍ଥନାରୀ ଏହି ଷ୍ଟ୍ରବେରୀ ଚାଷ ପାଇଁ ଅର୍ଥ ମଞ୍ଜୁର କରିଥିଲେ। ବର୍ତ୍ତମାନ ୨ ହେକ୍ଟର ଜମିରେ ୧ ଲକ୍ଷ ଚାରା ରୋପଣ କରାଯାଇଥିବା ବେଳେ ଗୋଟିଏ ଚାରାର ମୂଲ୍ୟ ୧୭ ଟଙ୍କା ରହିଛି। ଚାରାର ବାବଦକୁ ୧୭ ଲକ୍ଷ ଖର୍ଚ୍ଚ ହୋଇଥିବା ବେଳେ ଶେଷ ପର୍ଯ୍ୟନ୍ତ ୨୮ ଲକ୍ଷ ଖର୍ଚ୍ଚ ହେବ ବୋଲି ଲାଞ୍ଜିଗଡ଼ କେକେଡିଏ ପକ୍ଷରୁ ସୂଚନା ମିଳିଛି। ବର୍ତ୍ତମାନ ଚାଷ ଆରମ୍ଭରୁ ୪୧ ଦିନ ହୋଇଥିବା ବେଳେ ଆଉ କିଛି ଦିନ ମଧ୍ୟରେ ଏହାକୁ ବିକ୍ରି କରାଯିବ। ଏହାର କିଲୋ ପିଛା ୩୫୦ ରୁ ୪୦୦ ଟଙ୍କା ବଜାର ମୂଲ୍ୟ ରହିଥିବା ବେଳେ ବିକ୍ରି କରି ଚାଷୀ ୫୦ ରୁ ୬୦ ଲକ୍ଷ ପର୍ଯ୍ୟନ୍ତ ଲାଭବାନ ହେବେ ବୋଲି ଓପିଲିପି ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ବ୍ଲକ ଅଞ୍ଚଳରେ ୫୦ ହେକ୍ଟର ଚାଷ କରିବା ପାଇଁ ଜିଲାପାଳ ବିଡିଓ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଗାଁ ଲୋକଙ୍କ ଦାବି ଅନୁସାରେ ଗାଁ ନିକଟସ୍ଥ ନାଳରେ ଅତିଶୀଘ୍ର ପୋଲ ନିର୍ମାଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।



ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ବାରବୁଲି ଗ୍ରାମର ଷ୍ଟ୍ରବେରି ଚାଷ ପରିଦର୍ଶନ କରୁଛନ୍ତି।

# ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ

ସିନାପାଲି,୨୧।୨(ଡି.ଏନ.ଏ.)



ଅଭିଭାବକମାନେ ସ୍କୁଲରେ ତାଲା ପକାଇ ଆନ୍ଦୋଳନ କରୁଛନ୍ତି।

■ ଶିକ୍ଷକ ପୂରଣ ନ ହେବା ଯାଏଁ ଖୋଲିବୁ ନାହିଁ: ପରିଚାଳନା ସମିତି
■ ଫୁରଶୁଣ୍ଡ ବିଦ୍ୟାଳୟରେ ଶିକ୍ଷକ ଅଭାବ

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଘୁଚାଗୁଡା ପଞ୍ଚାୟତ ଫୁରଶୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ନେଇ ଅଭିଭାବକମାନେ ସିନାପାଲି ବିଇଓଙ୍କ ଦ୍ୱାରସ୍ଥ ହୋଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନର ଚେତାବନୀ ଦେଇଥିଲେ। ଦୀର୍ଘଦିନ ପରେ ମଧ ଶିକ୍ଷକ ପଦବୀ ପୂରଣ ନ ହେବାରୁ ଅଭିଭାବକମାନେ ଉତ୍ତ୍ୟକ୍ତ ହୋଇ ମଙ୍ଗଳବାର ବିଦ୍ୟାଳୟରେ ତାଲା ପକାଇ ଦେଇଛନ୍ତି। ପ୍ରଧାନ ଶିକ୍ଷକ ପୁଣ୍ୟ ରଣା ତଥା ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟକୁ ଆସି ଥିଲେ ମଧ ଅଭିଭାବକମାନେ ସେମାନଙ୍କୁ ପ୍ରବେଶ କରାଇ ଦେଇ ନ ଥିଲେ। ଏ ନେଇ ପ୍ରଧାନ ଶିକ୍ଷକ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ଖବର ପାଇ ସିନାପାଲି ଏବିଇଓ ରୁଦରେଶ୍ୱର ମେହେର, ପ୍ରଭାତ ପାତ୍ର, ସିଆରସିସି ଶ୍ରୀଗୁଆଲ ପ୍ରମୁଖ ପହଞ୍ଚି ଅଭିଭାବକମାନଙ୍କୁ ବୁଝାଶୁଝା କରିଥିଲେ। ଆଗାମୀ ୨ ଦିନ ମଧ୍ୟରେ ୨ଜଣ ଶିକ୍ଷକ ପୂରଣ କରାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଭଳି ପ୍ରତିଶ୍ରୁତି ପାଣିର ଗାର ବୋଲି କହି ଅଭିଭାବକ ଓ ପରିଚାଳନା କମିଟି ଜିଦ୍‌ରେ ଅଡ଼ି ବସିଥିଲେ। ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଆବଶ୍ୟକ ଶିକ୍ଷକ ପଦବୀ ପୂରଣ କରା ନ ଯିବା ଯାଏଁ ଆନ୍ଦୋଳନ ଜାରି ରହିବ, ବିଦ୍ୟାଳୟ ଖୋଲା ଯିବ ନାହିଁ ବୋଲି କମିଟି ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ଫୁରଶୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୮୧ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଦୀର୍ଘ ୬ ମାସରୁ ଅଧିକ ହେଲା ୩ଜଣ ଶିକ୍ଷକରେ ୮ଟି ଶ୍ରେଣୀର ଶିକ୍ଷା ଦାନ କାର୍ଯ୍ୟ ଚାଲୁଥିବା ବେଳେ ଅନେକ ଅସୁବିଧା ହେଉଛି। ଏହି ବିଦ୍ୟାଳୟରେ ୭ଜଣ ଶିକ୍ଷକ ରହିଥିଲେ। ପରେ ୪ଜଣ ଶିକ୍ଷକଙ୍କୁ ୪ ମାସ ମଧ୍ୟରେ ବଦଳି କରାଯାଇଛି। ଆନ୍ଦୋଳନରେ ଅଭିଭାବକ କୁଳଦୀପ ସା, ଉଦିତ ରଣା,ସହଦେ ବାଗ, ହରେକୃଷ୍ଣ ଜଗତ, କ୍ଷମା ସୁନ୍ଦର ତାଣ୍ଡି, ଜୟପାଳ ସା, ଦୁର୍ବଳ ରଣା,ହୀରାଲାଲ ତାଣ୍ଡି, କୁଳମଣି ମାଝି, ତେଜସ୍ୱିନୀ ସା, ଛାୟା ସା, ଧନମତି ବାଗ ପ୍ରମୁଖ ସାମିଲ ହୋଇଥିଲେ।

**ମୃତକଙ୍କ ପରିବାରକୁ ପ୍ରଶାସନିକ ସହାୟତା**

ପାଇକମାଲ (ଡି.ଏନ.ଏ.): ବରଗଡ ଜିଲା ପାଇକମାଲ ବ୍ଲକ ଜର୍ଜଗଡ଼ ଗ୍ରାମର ମହିଳା ନମିତା ଶତନାମୀ(୨୧) ନାଳକୁ ଶୌଚ ପାଇଁ ଯାଇଥିବା ବେଳେ ତାଙ୍କ ତଣ୍ଟିକାଟି ହତ୍ୟା କରାଯାଇଥିଲା। ଏହି ଘଟଣା ପରେ ମଙ୍ଗଳବାର ବିଡ଼ିଓ ସୁରେନ୍ଦ୍ର ନାଥ ସାହୁ, ଏବିଡିଓ ଦେବାଶିଷ ସିଂହ, ସରପଞ୍ଚ ପ୍ରତିନିଧି ଧନସିଂହ ତାଣ୍ଡି, ପିଇଓ ଜୋମୋବତୀ ମାଝୀ ଓ ବଡ ଶତପଥି ଜର୍ଜଗଡ଼ ଯାଇ ମୃତକଙ୍କ ବାପା ମାଧବ ଶତନାମୀଙ୍କୁ ୩୦ କି.ଗ୍ରା ଚାଉଳ ଓ ୨ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏହାସହ ତାଙ୍କ ନିର୍ମାଣାଧୀନ ଘରକୁ ଆର୍ଥିକ ସାହାଯ୍ୟ, ପାଇଖାନା ନିର୍ମାଣ ଓ ରେଡ୍‌କ୍ରସରୁ ସାହାଯ୍ୟ ପାଇଁ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ

**ବରଗଡ଼ ଅଫିସ୍,୨୧।୨:** ବରଗଡ଼ ଟାଉନ ଥାନା ପୋଲିସ ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଛତିଶଗଡ଼ ରାଜ୍ୟ ସୁରଗୁଜା ଜିଲା ଦରିମା ଥାନା ବଡ଼ଡ଼ାମଲି ଗ୍ରାମର ଶୁଖୁ ଓରଫ ଗୋବର୍ଦ୍ଧନ ଯାଦବ। ତାଙ୍କ ପାଖରୁ ୨୧କିଗ୍ରା ୭୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏହାସହିତ ବ୍ୟବହୃତ ଏକ ବାଇକ୍ (ନଂ. ସିଜି୧୩ଏଏ/୧୨୨୬ ଏବଂ ଗୋଟିଏ ମୋବାଇଲକୁ ପୋଲିସ ଜବତ କରିଛି। ମଙ୍ଗଳବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ତାଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏକ ମାମଲା (ନଂ.୧୧୪/୨୩) ରୁଜୁ ହୋଇଛି।

### ଶ୍ମଶାନ ଘାଟ ସମସ୍ୟା ନେଇ ବୈଠକ

**ବରପାଲି,୨୧।୨(ଡି.ଏନ.ଏ.):** ବରଗଡ ଜିଲା ବରପାଲି ଏନ୍ଏସି ଅଧୀନ ୬ରୁ ୧୧ ୱାର୍ଡବାସିନ୍ଦାଙ୍କ ପାଇଁ ଥିବା ଏକମାତ୍ର ଦୁଇ ଗଛିଆ ଶ୍ମଶାନ ଘାଟ ଫୋରୱେ ରାସ୍ତା ପ୍ରଶସ୍ତୀକରଣ ଯୋଗୁ ଉଚ୍ଛେଦ କରାଯିବ। ଫଳରେ ଏହି ଶ୍ମଶାନ ଉପରେ ନିର୍ଭର କରୁଥିବା ଲୋକେ ଅସୁବିଧା ଭୋଗିବେ। ଏହି ସମସ୍ୟାର ସମାଧାନ ପାଇଁ ୧୦ ନଂ. ୱାର୍ଡର କାଉନସିଲରଙ୍କ ଆହ୍ୱାନ କ୍ରମେ ବରପାଲି ବସ୍ତି ବାସିନ୍ଦାଙ୍କ ଏକ ବୈଠକ ସ୍ଥାନୀୟ ରାଜବାଟୀ ସ୍ଥିତ ଦମକରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ନୂତନ ଶ୍ମଶାନ ଜାଗା ଚିହ୍ନଟ କରିବା ପାଇଁ ଦାବି କରାଯାଇଥିଲା। ଏ ନେଇ ଏକ କମିଟି ତହସିଲଦାର ଓ ଏନ୍ଏସିର ଆର୍ଆଇଙ୍କ ସହାୟତାରେ ତୁରନ୍ତ ଜାଗା ଚିହ୍ନଟ କରି ଶ୍ମଶାନ ନିର୍ମାଣ ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା। ବୈଠକରେ କାଉନସିଲର ଦିନେଶ ପଧାନ, ଦେବାନନ୍ଦ ମେହେର, ସୁରେଶ ମେହେର ଓ ସୁବ୍ରତ ଚିନ୍ଦ୍ରାଙ୍କ ସମେତ ଲାଲ ବିକ୍ରମ ସିଂଦେଓ, ଜୟ ମିଶ୍ର, ବିଜୁ ମେହେର, ସୁରେନ୍ଦ୍ର ମେହେର, ରାଧେଶ୍ୟାମ ସାହୁ, ଉପେନ୍ଦ୍ର ସିଂ ଲାଲୁ, ପ୍ରଶାନ୍ତ ସାହୁ, ସୌରଭ ସାହୁ, ସରୋଜ ମେହେର, ଧର୍ମରାଜ ସିଂ ବରିହା ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବସ୍ତିବାସିନ୍ଦା ଉପସ୍ଥିତ ଥିଲେ।

### ପଥର୍ଲା ଗୌନ୍ତିଆଙ୍କ ପରଲୋକ

**ବରଗଡ଼ ଅଫିସ, ୨୧।୨:** ବରଗଡ଼ ବ୍ଲକ ପଥର୍ଲା ଗ୍ରାମର ଗୌନ୍ତିଆ ନବୀନ ସାହୁଙ୍କ




ସୋମବାର ପରଲୋକ ହୋଇଛି। ସେ ବରଗଡ଼ ନିଗମାନନ୍ଦ ବିହାର ସ୍ଥିତ ଜ୍ୱାଇଁ ସଦାଶିବ ସାହୁଙ୍କ ଘରକୁ ଯାଇଥିବା ବେଳେ ହଠାତ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟ ଏବଂ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ପରଲୋକ ହୋଇଥିଲା। ପଥର୍ଲାକୁ ତାଙ୍କ ପାର୍ଥିବ ଶରୀର ଅଣାଯିବା ପରେ ଗ୍ରାମବାସୀ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମର ଶ୍ମଶାନରେ ସ୍ୱର୍ଗତ ସାହୁଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା। ସାହୁଙ୍କ ପରଲୋକରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

# କଳା, ସଂସ୍କୃତିର ଅପୂର୍ବ ନିଦର୍ଶନ

## ଜଳନ୍ଧର ଦରବାର ଉଦ୍‌ଘାଟିତ

**ବରଗଡ଼ ଅଫିସ,୨୧।୨**



ଜଳନ୍ଧର ଦରବାରରେ ଅତିଥିଙ୍କ ଗହଣରେ କଳାକାରବୃନ୍ଦ।

ବରଗଡ଼ ବ୍ଲକ ଖଲିଆପାଲିରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ସମାରୋହ ଅବସରରେ ଜଳନ୍ଧର ଦରବାର ଉଦ୍‌ଘାଟିତ ହୋଇଛି। ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଏଣ୍ଟରପ୍ରାଇଜେସର ମୁଖ୍ୟ ଚନ୍ଦ୍ରଶେଖର ବାଗ, ବରଗଡ଼ ଟାଉନ ବିଜେଡି ସଭାପତି କିଶୋର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ କଳାକାର ମହାସଂଘ ଅଧ୍ୟକ୍ଷ ଚୈତନ୍ୟ ପାଇକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରମୋଦ ଦାଶ ଓ ଏମ୍.ଡି ଟଫିଖ ଖାଁ ଭଜନ ପରିବେଷଣ କରିଥିଲେ। ରାଜେଶ ବାରିକଙ୍କ ନିର୍ଦ୍ଦେଶନାରେ ଭାରତୀ କଳା ପରିଷଦ ଓ ନୃତ୍ୟ ନିର୍ଦ୍ଦେଶକ ସୁରଥ କୁଅଁରଙ୍କ ନିର୍ଦ୍ଦେଶନାରେ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ କାର୍ଯ୍ୟକ୍ରମରେ ଯୋଗଦେଇ କଳା, ସାହିତ୍ୟ, ସଂସ୍କୃତି ସହିତ ଭାବଭକ୍ତିର ଅଭୂତପୂର୍ବ ସମନ୍ୱୟ ଏଠାରେ ଦେଖିବାକୁ ମିଳିଲା ବୋଲି କହିଥିଲେ। ବରଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ବରଗଡ଼ ବିଡ଼ିଓ ଯୁଧିଷ୍ଠିର ମେହେର, ପଶ୍ଚିମ ଓଡିଶା କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ, ଶ୍ରମିକ ସଂଘ ନେତା ମହେନ୍ଦ୍ର ଦାଶ ପ୍ରମୁଖ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ କଳା, ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନିର୍ଦ୍ଦେଶକ ବାସୁଦେବ ପ୍ରଧାନ, ହାସ୍ୟ ବ୍ୟଙ୍ଗ କବି ଦେବେନ୍ଦ୍ର ସାହୁ, ଶିଶିର ପୁରୋହିତ, ମନୋରଞ୍ଜନ ଲୁହା, ଜଟାଧାରୀ ପ୍ରଧାନ, ଯୁବରାଜ ବାବୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କବି ଦେବେନ୍ଦ୍ର ସାହୁଙ୍କ ରଚିତ କବିତା ଧନୁଯାତ୍ରା ଇତିହାସ ଶ୍ରୋତାମାନଙ୍କ ମନକୁ ଛୁଇଁ ପାରିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲାର ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ କୁମ୍ଭାରୀର ନୃତ୍ୟ ନିର୍ଦ୍ଦେଶକ ବାସୁଦେବ ପ୍ରଧାନଙ୍କ ନିର୍ଦ୍ଦେଶିତ ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା। ଖଲିଆପାଲି ଗ୍ରାମବାସୀ ସହଯୋଗ ଏବଂ ରାଜ୍ୟ କଳାକାର ମହାସଂଘ ଅଧ୍ୟକ୍ଷ ପାଇକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜିଠୁ ମାଣ୍ଡୋସିଲ ରେଭେଲ ଇଲେଭେନ କ୍ରିକେଟ

**ପାଇକମାଲ,୨୧।୨(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲରେ ବୁଧବାରଠାରୁ ଆରମ୍ଭ ହେବ ୨୩ତମ ମାଣ୍ଡୋସିଲ ରେଭେଲ ଇଲେଭେନ କ୍ରିକେଟ ଟୁର୍ନାମେଣ୍ଟ। ଏ ନେଇ ମଙ୍ଗଳବାର ଅନୁଷ୍ଠିତ ଏକ ବୈଠକରେ ଟୁର୍ନାମେଣ୍ଟରେ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ୨୬ ତାରିଖରେ ଖେଳାଯିବ। ଏଥିରେ ଆଖପାଖ ଅଞ୍ଚଳରୁ ୨୨ଟି ଦଳ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ମ୍ୟାଚ ୧୦ ଓଭର ବିଶିଷ୍ଟ ରହିବ। ପ୍ରତ୍ୟେକ ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯିବ। ଚାମ୍ପିୟାନ ଦଳକୁ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ଓ ରନର୍ସ ଦଳକୁ ଟ୍ରଫି ସହ ନଗଦ ୧୪ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଟୁର୍ଣ୍ଣାମେଣ୍ଟ ପରିଚାଳନା ପାଇଁ ସଭାପତି ଭାବେ ରାଜୀବ ଲୋଚନ ସାହୁ, ସମ୍ପାଦକ ହେମାନନ୍ଦ ବିଶ୍ୱାଳ ଓ କୋଷାଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାୟକଙ୍କୁ ମନୋନିତ କରାଯାଇଛି। ହେମାନନ୍ଦ ବିଶ୍ୱାଳ, ଦେବସିଂ ଭରାସାଗର, ମହେନ୍ଦ୍ର ମଲ୍ଲିକ, ହୃଷୀକେଶ ପ୍ରଧାନ, ଅନିଲ ଦାସ, ମାଧବ ମହାନନ୍ଦ, ଗୁରୁପ୍ରସାଦ ରଣା, ସରୋଜ ପ୍ରଧାନ, ମହେଶ ଚନ୍ଦ୍ର ନାୟକ, ଯୋଗେଶ ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଲଳିତ ଜଗତ ଧନ୍ୟବାଦ ଅର୍ପଣ କରିଥିଲେ।

# ଧୂଳିଉଠା ମେଶିନର ଶୁଭାରମ୍ଭ



ବରଗଡ଼ ବିଧାୟକ ଧୂଳିଉଠା ମେଶିନର ଶୁଭାରମ୍ଭ କରୁଛନ୍ତି।

**ବରଗଡ଼ ଅଫିସ, ୨୧।୨**

ବରଗଡ଼ ସହରରେ ରାସ୍ତାରୁ ଧୂଳି ଉଠାଇବା ପାଇଁ ମଙ୍ଗଳବାର ଏକ ଧୂଳିଉଠା ମେଶିନର ଶୁଭାରମ୍ଭ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏହାର ଶୁଭାରମ୍ଭ କରିଛନ୍ତି। ପୌର ପରିଷଦ ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ଟାଉନ ବିଜେଡି ସଭାପତି କିଶୋର ମିଶ୍ରଙ୍କ ସମେତ କାଉନସିଲରବୃନ୍ଦ ଉପସ୍ଥିତ ରହିଥିଲେ। ଏହି ଧୂଳିଉଠା ମେଶିନ ସାହାଯ୍ୟରେ ବରଗଡ଼ ସହରରେ ବୃଦ୍ଧି ପାଉଥିବା ଧୂଳିକଣାକୁ ଉଠାଯାଇପାରିବ ଏବଂ ସହରକୁ ଧୂଳିମୁକ୍ତ କରାଯାଇପାରିବ ବୋଲି ବିଧାୟକ ଆଚାର୍ଯ୍ୟ ପ୍ରକାଶ କରିଥିଲେ। ପୌର ପରିଷଦର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# 'ମାଟିର୍ ମହକ୍' ପୁସ୍ତକ ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଜାମଟିକ୍ରା, ୨୧।୨(ଡି.ଏନ.ଏ.)**

ଅତାବିରା ବ୍ଲକ ଲାଦରପାଲି ଶ୍ରୀଅରବିନ୍ଦ ସ୍କୁଲରେ ମଙ୍ଗଳବାର କବି ସରୋଜ କୁମାର ରଥଙ୍କ ସମ୍ବଲପୁରୀ ପୁସ୍ତକ 'ମାଟିର୍ ମହକ' ଉନ୍ମୋଚିତ ହୋଇଯାଇଛି। ଏହି ଉତ୍ସବରେ ବରିଷ୍ଠ ସାହିତ୍ୟକ ତଥା ଚିଚିଣ୍ଡା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଦ୍ୱାରିକାନାଥ ନାୟକ ମୁଖ୍ୟ ଅତିଥି, ଲରମ୍ଭା କଲେଜର ଓଡ଼ିଆ ଅଧ୍ୟାପକ ଡଃ ଅଜିତ କୁମାର ନାଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅରବିନ୍ଦ ସ୍କୁଲର ଅଧ୍ୟକ୍ଷ ଟିକେଲାଲ ଚାନ୍ଦ, ସ୍କୁଲ ସଭାପତି କୃଷ୍ଣଚନ୍ଦ୍ର ପଧାନ, ସମ୍ପାଦକ ଶେଷଦେବ ନାଏକ ଏବଂ ପୁସ୍ତକର ରଚୟିତା ସରୋଜ କୁମାର ରଥ ମଞ୍ଚାସୀନ ଥିଲେ। ପୁସ୍ତକର ସମୀକ୍ଷା କରିଥିଲେ ଡଃ ଅଜିତ କୁମାର ନାଥ। ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ବବ୍ରୁବାହନ ମିଶ୍ର। ପଶ୍ଚିମ ଓଡିଶାର ଲୋକ ସଂସ୍କୃତି, ପରମ୍ପରା ଉପରେ ଆଧାରିତ କବିତାମାନ ଏହି ପୁସ୍ତକରେ ସ୍ଥାନ ପାଇଛି। ଅରବିନ୍ଦ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଖଲିଆପାଲି ନୋଡାଲ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକୋତ୍ସବ

**ଜାମଟିକ୍ରା,୨୧।୨(ଡି.ଏନ.ଏ.)**

ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତ ଅଧୀନ ଖଲିଆପାଲି ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅତାବିରା ବିଧାୟିକା ସେହ୍ନାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ସରପଞ୍ଚ ଶେଷଦେବ ଛନ୍ଦ, ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ଉଦ୍‌ଘୋଷକ କୃଷ୍ଣଚନ୍ଦ୍ର କନ୍ଦେର, ଚଳଚ୍ଚିତ୍ର ହାସ୍ୟ ଅଭିନେତା ଛବିଳ ପଧାନ, ସିଆରସିସି ରଞ୍ଜନ ବାଗ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ହରିହର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୋ ସ୍କୁଲ ଅଭିଯାନ ସଭାପତି ପ୍ରମୋଦ କୁମାର ମହାକୁର, ସ୍କୁଲ ପରିଚାଳନା କମିଟି ସଭାପତି ଆନନ୍ଦ ଜାଲ, ପୂର୍ବତନ ସ୍କୁଲ ସଭାପତି ଜାନକୀବଲ୍ଲଭ ଦୀପ, କୃଷ୍ଣଚନ୍ଦ୍ର ମେଲ୍ଲି ଓ ଗ୍ରାମବାସୀ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ପିକେଏଆଇଟିରେ କ୍ୟାମ୍ପସ୍ ଡ୍ରାଇଭ୍




ପିକେଏଆଇଟିରେ ଅନୁଷ୍ଠିତ କ୍ୟାମ୍ପସ ଡ୍ରାଇଭ୍।

**ବରଗଡ଼ ଅଫିସ୍,୨୧।୨**

ବରଗଡ଼ର ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି (ପିକେଏଆଇଟି) ପକ୍ଷରୁ ମଙ୍ଗଳବାର ଏକ କ୍ୟାମ୍ପସ ଡ୍ରାଇଭ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରସ୍ଥିତ ଶ୍ୟାମ ମେଟାଲିକ୍ ଆଣ୍ଡ୍ ଏନର୍ଜି ଲିମିଟେଡ୍ ଦ୍ୱାରା ହୋଇଥିବା ଏହି କାର୍ଯ୍ୟକ୍ରମରେ ପିକେଏଆଇଟିର ଡିପ୍ଲୋମା ଏବଂ ଡିଗ୍ରୀ ଇଞ୍ଜିନିୟରିଂର ମେକାନିକାଲ ଏବଂ ମେଟାଲର୍ଜି ବିଭାଗର ଛାତ୍ରୀଛାତ୍ର ଭାଗନେବାର ସୁଯୋଗ ପାଇଥିଲେ। ପି.କେ.ଏ ଗ୍ରୁପ୍ ଅଫ ଇନ୍‌ଷ୍ଟିଚ୍ୟୁଟ୍‌ର ସମ୍ପାଦକ ତଥା ଡିପ୍ଲୋମା ଇଞ୍ଜିନିୟରିଂର ଅଧ୍ୟକ୍ଷ ଡଃ ତରୁଣ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ କ୍ୟାମ୍ପସ ଡ୍ରାଇଭ ହୋଇଥିଲା। ଡଃ ଷଡ଼ଙ୍ଗୀ ସଫଳ ଛାତ୍ରୀଛାତ୍ରଙ୍କ ଉନ୍ନତି କାମନା କରିବା ସହିତ ଶ୍ୟାମ ମେଟାଲିକ୍ ଆଣ୍ଡ୍ ଏନର୍ଜି ଲିମିଟେଡ୍‌ରୁ ଆସିଥିବା ପ୍ରତିନିଧିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାନୁଷ୍ଠାନର ପ୍ଲେସମେଣ୍ଟ ଅଫିସର ଡଃ ଶେଖ୍ ଆବେଦ ହୁସେନ ଏବଂ ଡିଗ୍ରୀ ଇଞ୍ଜିନିୟରିଂର ଅଧ୍ୟକ୍ଷ ଡଃ ଭରତ ଭୂଷଣ ଶତପଥିଙ୍କ ସମେତ ଶିକ୍ଷାନୁଷ୍ଠାନର ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

**ଭେଡେନ,୨୧।୨ (ଡି.ଏନ.ଏ.)**

ବରଗଡ ଜିଲା ଭେଡେନ ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୪୨ତମ ବାର୍ଷିକୋତ୍ସବ ଓ ଶ୍ରୀଅରବିନ୍ଦଙ୍କ ୧୫୦ତମ, ଶ୍ରୀମାଙ୍କ ୧୪୫ ତମ ଜନ୍ମବାର୍ଷିକୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି କ୍ଷୀରେଶ୍ୱର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୈତିକ ଶିକ୍ଷା ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶକ ବୋଲି ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ପୁଷ୍ପ କୁମାର ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହି ଶିକ୍ଷାକେନ୍ଦ୍ରର ଶିକ୍ଷା ପଦ୍ଧତି ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ପଦ୍ମିନୀ ଗଡତିଆ, ଭେଡେନ ସରପଞ୍ଚ ଅକ୍ଷୟ ନାଏକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ନିର୍ମଳ ଚନ୍ଦ୍ର ଲହରିଆ ଦୁର୍ଗାସ୍ତୋତ୍ର ପଠନ ଏବଂ ଶିକ୍ଷୟିତ୍ରୀ ସୁକାନ୍ତୀ ପରଡିଆ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ମୁକେଶ ମେଲ୍ଲି, ରୋଲି ଭୋଇ, ଅବିନାଶ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରେମାନନ୍ଦ ଦନ୍ତା, ରଚିତା କୁଦେଇ, ଅକ୍ଷୟ ଦାଶ, ସୁବାସ ମେହେର, ହେମନ୍ତ କରନ, ଅର୍ଚ୍ଚନା ପଧାନ, ନମିତା ମହାରଣା, ଲୀନା ପାଣ୍ଡେ, ହରିପ୍ରିୟା ଖେଡିଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ସହଯୋଗ କରିଥିଲେ। ମଙ୍ଗନିଆ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଅଞ୍ଚଳ କଲେଜରେ ଆଲୋଚନାଚକ୍ର

**ପଦ୍ମପୁର,୨୧।୨(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର 'ଭାରତର ଆଣବିକ ଶକ୍ତିର ବିକାଶ ଓ ପ୍ରୟୋଗ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାବା ଆଣବିକ କେନ୍ଦ୍ରର ଅବସରପ୍ରାପ୍ତ ବୈଜ୍ଞାନିକ ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଲଳିତେନ୍ଦୁ ନାୟକ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ବିଜ୍ଞାନ ବିଭାଗର ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଜ୍ଞାନ ସଂସଦ ଉପସଭାପତି ଝୁନୁ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶରେ ମାତୃଭାଷା ଦିବସ

**ବରଗଡ଼ ଅଫିସ୍,୨୧।୨**

ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟରେ ଅନ୍ତଃରାଷ୍ଟ୍ରୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ଦେଶର ଭିନ୍ନଭିନ୍ନ ଭାଷା ଅର୍ଥାତ୍ ଓଡ଼ିଆ, ସମ୍ବଲପୁରୀ, ହିନ୍ଦୀ, ତେଲୁଗୁ, ଗୁଜୁରାଟୀ, ପଞ୍ଜାବୀ, ଛତିଶଗଡ଼ି ଆଦି ଭାଷାଜ୍ଞାନର ପରିପ୍ରକାଶ କରିଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ନିଜ ବକ୍ତବ୍ୟରେ ବିଭିନ୍ନ ଭାଷା ଶିକ୍ଷା ଉପରେ ଗୁରୁତ୍ୱ ଦେବା ଉଚିତ୍ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଶକ୍ତି ପ୍ରସାଦ ବେହେରା, ଛାତ୍ରୀ ରିୟା ଦାଶ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।




ମାତୃଭାଷା ଦିବସରେ ଶିକ୍ଷକଙ୍କ ଗହଣରେ ଛାତ୍ରୀଛାତ୍ର।

# ଫୁଟ୍‌ବଲ: କାଇଁଶିରକୁ ହରାଇ ସୁନ୍ଦରଗଡ଼ ବିଜୟୀ

**ବରଗଡ଼ ଅଫିସ, ୨୧।୨**



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିବୃନ୍ଦ।

ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ତୃତୀୟ ଧୃବରାଜ ଡ଼ାଙ୍ଗ ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ମ୍ୟାଚ୍‌ରେ ସୁନ୍ଦରଗଡ଼ର ଷ୍ଟାଣ୍ଡାର୍ଡ ସ୍ପୋର୍ଟିଂ କ୍ଲବ ବିଜୟୀ ହୋଇଛି। ଷ୍ଟାଣ୍ଡାର୍ଡ ସ୍ପୋର୍ଟିଂ କ୍ଲବ ଓ କାଇଁଶିର ଶାସ୍ତ୍ରିଜୀ କ୍ଲବ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ଦଳ ୬-୫ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ମ୍ୟାଚରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ୧-୧ ଗୋଲରେ ବରାବର ସ୍ଥିତିରେ ରହିଥିଲେ। ପ୍ରଥମାର୍ଦ୍ଧରେ କାଇଁଶିର ଦଳର ୮ ନମ୍ବର ଖେଳାଳି ବୁଲୁ କାଲସା ଗୋଲ୍ ଦେଇ ଦଳକୁ ୧-୦ରେ ଦଳକୁ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ସୁନ୍ଦରଗଡ଼ ଦଳର ୭ ନମ୍ବର ଖେଳାଳି ସୁମିତ ଓରାମ ଗୋଲ ଦେଇ ଦଳକୁ ୧-୧ ବରାବର ସ୍ଥିତିକୁ ନେଇଥିଲେ। ଫଳରେ ଟାଇବ୍ରେକରର ସାହାଯ୍ୟ ନିଆଯାଇଥିଲା। ଏଥିରେ ସୁନ୍ଦରଗଡ଼ ଦଳ ୬-୫ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବାରୁ ସୁନ୍ଦରଗଡ଼ ଦଳର ଗୋଲ ରକ୍ଷକ ସିଡୁ ଚିରଗୁଣଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଅମୀୟ ଶର୍ମା ଓ ପ୍ରତାପ ଦାଶ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସୁରେଶ ଦାଶ ମ୍ୟାଚ୍ ପରିଚାଳନା କରିଥିବାବେଳେ ନିରଞ୍ଜନ ମହାକୁଡ ଓ ଶୁଭମ ପାତ୍ର ତାଙ୍କୁ ଲାଇନରେ ସହଯୋଗ କରିଥିଲେ। ମୀନା ବେହେରା ଚତୁର୍ଥ ରେଫରୀ ଥିଲେ। ମୋହନ କିଙ୍ଗ, ପିଣ୍ଟୁ ଡାଙ୍ଗ, ବାବଲୁ ଦାଶ ପ୍ରମୁଖ ସହଯୋଗ କରିଥିଲେ। ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବରଗଡ଼ ୟୁନାଇଟେଡ ସ୍ପୋର୍ଟସ କ୍ଲବ ଓ ସୁନ୍ଦରଗଡ଼ର ଷ୍ଟାଣ୍ଡାର୍ଡ ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ପ୍ରତିଯୋଗିତାର ମ୍ୟାଚ୍ କମିଶନର ସଚ୍ଚିଦାନନ୍ଦ ପଣ୍ଡା ଜଣାଇଛନ୍ତି।

## ସଂକ୍ଷେପରେ

### ୨୫୦ କେଜି ମେଧାଛାଲ ଜବତ: ୨ ଗିରଫ



**ରାଜଗାଙ୍ଗପୁର, ୨୧।୨(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରର ମୁଖ୍ୟ ରାସ୍ତାରେ ବନ ବିଭାଗ ଦ୍ୱାରା ୨୫୦ କେଜି ମେଧାଛାଲ ଜବତ କରାଯାଇଛି। ଏହା ସହ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଏକ ଟେମ୍ପୋ ଜବତ ହୋଇଛି। ଘଟଣାରୁ ପ୍ରକାଶ ଯେ, ରାଜଗାଙ୍ଗପୁର ସହରର ତାଲକିପଡା ନିବାସୀ ମହମ୍ମଦ ଅନଉରଲ ହକ ଓ ଷ୍ଟେସନପଡା ନିବାସୀ ଛୋଟୁ ଗନ ଏକ ଟେମ୍ପୋ ନଂ. ଓଡି ୧୪ଏସ ୬୯୦୪ ଯୋଗେ ୨୫୦ କେଜି ମେଧାଛାଲ ବୋଝେଇ କରି ସହରରେ ମୁଖ୍ୟ ରାସ୍ତା ମହିଳା ମହାବିଦ୍ୟାଳୟ ଦେଇ ଯାଉଥିବା ସମୟରେ ରାଜଗାଙ୍ଗପୁର ବନବିଭାଗ ରେଞ୍ଜର ପ୍ରମୋଦ ସାହୁ ବିଶେଷ ସୂତ୍ରରୁ ଖବରପାଇ ସଦଳବଳ ଚଢାଉ କରିଥିଲେ। ଟେମ୍ପୋକୁ ଅଟକାଇବା ସହିତ ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ପରେ ଘଟଣାର ତଦନ୍ତ କରି ଟେମ୍ପୋ ଓ ତହିଁରେ ଥିବା ମେଧାଛାଲକୁ ଜବତ କରାଯାଇଛି। ପ୍ରକାଶ ଥାଉକି ଏହି ମେଧାଛାଲ ଫେସ ପାଉଡର ତିଆରିରେ ବ୍ୟବହାର କରାଯାଏ ଓ ଏହା ଏକ ଗଛର ଛାଲି।

### ମହାଶିବରାତ୍ରି ଉତ୍ସବର ତୃତୀୟ ସନ୍ଧ୍ୟା

**ଦେବଗଡ଼, ୨୧।୨(ଡି.ଏନ.ଏ ):** ପବିତ୍ର ମହାଶିବରାତ୍ରି ଅବସରରେ ତିଲେଇବଣି ବ୍ଲକ ବଣିଆଁକିଲିଣ୍ଡା ଗ୍ରାମ ପଞ୍ଚାୟତର ନିକ୍ତିମାଳ ସ୍ଥିତ ଶ୍ରୀଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିରରେ ପବିତ୍ର ଜାଗର ଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ କମିଟି ପକ୍ଷରୁ ଦୀର୍ଘ ୪ଦିନ ଧରି ମହୋତ୍ସବ ପାଳିତ ହେଉଛି। ତୃତୀୟ ସନ୍ଧ୍ୟାରେ ନୃତ୍ୟାନୁଷ୍ଠାନ 'ଶିଳ୍ପୀ'ର ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ମନ୍ଦିର କମିଟିର ସଭାପତି ଚନ୍ଦ୍ରଶେଖର ପ୍ରଧାନଙ୍କ ସଭାପତିତ୍ୱ ଓ ଯୋଗେଶ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ ସଭାରେ ଅତିଥି ଭାବେ ଜିଲା କଂଗ୍ରେସ ସଭାପତି ଉମାଶଙ୍କ ସାହୁ, ତିଲେଇବଣୀ ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ, ଦେବଗଡ ଜିଲା କୃଷକ ସଂଘର୍ଷ ସଂଘର ସଭାପତି ସେମ ହେମ୍ବ୍ରମ, ସୁଗୁଡା ସେବା ସମବାୟ ସମିତିର ସଭାପତି ସିଦ୍ଧେଶ୍ୱର ଗୁରୁ, ଦେବଗଡ ଆରସିଏମଏସ ସଭାପତି ଈଶ୍ୱର ଚନ୍ଦ୍ର ସାହୁ, ତିଲେଇବଣି ବ୍ଲକ ସରପଞ୍ଚ ସଂଘର ସଭାପତି ଉଦୀତ କୁମାର ନାୟକ, ବଣିଆଁକିଲିଣ୍ଡା ସରପଞ୍ଚ ବୁଦ୍ଧଦେବ ଗଡେଇ ଓ ନିକ୍ତିମାଳ ୱାର୍ଡ ସଦସ୍ୟା ରତନୀ ଦେହୁରୀ ଓ ଅବସରପ୍ରାପ୍ତ ପ୍ରଦାନ ଶିକ୍ଷକ ଝମାନିଧି ସାହୁ ଯୋଗଦେଇଥିଲେ।

# ଯାତ୍ରୀବାହୀ ବସ୍‌କୁ ଜାଳିଲେ ଦୁର୍ବୃତ୍ତ

**ସୁନ୍ଦରଗଡ଼/ନୂଆଗାଁ,୨୧।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଚିତାପେଡ଼ି ପଞ୍ଚାୟତ ଅନ୍ତର୍ଗତ ଲୋଆରମ ହସ୍ପିଟାଲ ଛକ ନିକଟରେ ସୋମବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏକ ଯାତ୍ରୀବାହୀ ବସ୍‌ରେ ନିଆଁ ଲଗାଇ ଜାଳିଦେଇଛନ୍ତି। ରାଉରକେଲାରୁ ଲୋଆରମ ଯାତାୟାତ କରୁଥିବା ଓଡ଼ି ୧୪ ଇ ୨୮୮୮ ନମ୍ବର ଶେଫାଳି ନାମକ ଘରୋଇ ବସ୍ ରାତିରେ ଛିଡ଼ା ହୋଇଥିବାବେଳେ ଏହି ଘଟଣା ଘଟିଛି। ତେବେ ବସ୍ ଭିତରେ ଶୋଇଥିବା ବସ୍‌ର କଣ୍ଡକ୍ଟର ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡିଛି। ଖବରପାଇ ବିଶ୍ରା ଥାନା ଅଧିକାରୀ ଭଗବାନ ପୂଜାରୀ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି। ତେବେ କେଉଁ ପରିସ୍ଥିତିରେ ଏବଂ କେଉଁମାନେ ବସ୍‌ରେ ନିଆଁ ଲଗେଇଲେ ତାହା ଜଣାପଡ଼ିନାହିଁ। ଏହି ଘଟଣା ଯେହେତୁ ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ଘଟିଛି, ତେଣୁ ବିଭିନ୍ନ କଥା ଆଲୋଚନା ହେଉଛି। ତଥାପି ପୋଲିସ ସବୁଦିଗରୁ ତଦନ୍ତ ଜାରି ରଖିଛି।




ବସ୍‌ର ପଛକାଚ ଭାଙ୍ଗି ଯାଇଛି।

ସୂଚନା ମୁତାବକ ଯାତ୍ରୀବାହୀ ବସ୍ ରାଉରକେଲାରୁ ଅପରାହ୍ନ ୪ଟା ୩୦ରେ ଛାଡି ଲୋଆରାମକୁ ସନ୍ଧ୍ୟା ସାତଟାରେ ପହଞ୍ଚିଥିଲା। ବସ୍‌ଟି ପହଞ୍ଚିବା ପରେ ଡ୍ରାଇଭର ନିରାଲ ବୁଡ଼ ନିଜ ଘର କଦଲକା ଗ୍ରାମକୁ ପଳେଇ ଯାଇଥିବାବେଳେ ବସ୍‌ର ଖଲାସି ସୋନୁ ଗୌଡ଼ ମଧ ନିଜ ଘର ଚିଟିକିଦିରି ଗ୍ରାମକୁ ଶୋଇବାକୁ ଚାଲିଯାଇଥିଲେ। ଉଭୟ ଡ୍ରାଇଭର ଓ ଖଲାସି ଦୁହେଁ ସ୍ଥାନୀୟ ବାସିନ୍ଦା ହୋଇଥିବାରୁ ସେମାନେ ପ୍ରତିଦିନ ଲୋଆରାମରେ ବସ୍ ପହଞ୍ଚିଲା ପରେ ନିଜ ଘରକୁ ଚାଲିଯାଆନ୍ତି। କଣ୍ଡକ୍ଟର ରାଜେଶ କୁମାର ବଡ଼ାଇକ ବିଶ୍ରା ବ୍ଲକ ଏର୍ଲା ଗ୍ରାମର ହୋଇଥିବାରୁ ସେ ଘରକୁ ନ ଯାଇ ବସ୍ ଭିତରେ ହିଁ ଶୋଇଯାଉଥିବା ପ୍ରକାଶ କରିଛନ୍ତି। ସୋମବାର ରାତିପ୍ରାୟ ତିନିଟା ସମୟରେ ବସର ଆଗ କାଚ ଫାଟି ଶବ୍ଦହେବାରୁ ତାଙ୍କ ନିଦ ଭାଙ୍ଗିଯାଇଥିଲା। ସେ ପଛପଟ କାଚ ଭାଙ୍ଗି ବାହାରକୁ କୁଦା ମାରିଥିଲେ।

### ଓଡ଼ିଶା ସୀମାନ୍ତ ଲୋଆରମ ନିକଟରେ ଘଟଣା

**ଅଳ୍ପକେ ବର୍ତ୍ତିଲେ ବସ୍ କର୍ମଚାରୀ**

ଯେହେତୁ ବସରେ କେବଳ ଆଗପଟ କବାଟ ଥିବାରୁ ଏବଂ ଆଗପଟରୁ ହିଁ ନିଆଁଲାଗି ହୁହୁ ହୋଇ ଜଳୁଥିଲା, ତେଣୁ ସେ ନିରୁପାୟ ହୋଇ ବସର ପଛକାଚ ଭାଙ୍ଗି ବାହାରକୁ ବାହାରିଥିବା ପ୍ରକାଶ କରିଛନ୍ତି। କଣ୍ଡକ୍ଟର ଜଣକ ନିକଟସ୍ଥ କୂଅରୁ ବାଲ୍‌ଟିରେ ପାଣି ଆଣି ବସ୍‌ର ନିଆଁ ଲିଭାଇଥିବା ପ୍ରକାଶ କରିଛନ୍ତି। ତେବେ ଏହି ଘଟଣାରେ କଣ୍ଡକ୍ଟର ରାଜେଶଙ୍କ କଥାରେ କେତେଦୂର ସତ୍ୟତା ଅଛି ତାହା ପୋଲିସର ତଦନ୍ତ ପରେ ହିଁ ଜଣାପଡିବ। ହେଲେ ଏହି ଘଟଣାରେ ପିଏଲ୍‌ଏଫ୍‌ଆଇ ସମ୍ପୃକ୍ତିକୁ ପୋଲିସ ଖଣ୍ଡନ କରୁଛି। ଏହା ସ୍ଥାନୀୟ ଲୋକ କିମ୍ବା ବସ କର୍ମଚାରୀମାନଙ୍କ ସହ ସ୍ଥାନୀୟ ଲୋକଙ୍କ ଭିତରେ କୌଣସି ମତାନ୍ତରରୁ ଏଭଳି ଘଟଣା ଘଟିଥାଇ ପାରେ ବୋଲି ପୋଲିସ ସନ୍ଦେହ କରୁଛି।

# ଧର୍ମାନ୍ତରିତଙ୍କ ସଂରକ୍ଷଣ ସୁବିଧା ଉଚ୍ଛେଦ ହେଉ: ତୋଗାଡିଆ



ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଅଧକ୍ଷ ଡ. ପ୍ରବୀଣ ଭାଇ ତୋଗାଡିଆ ଉଦ୍‌ବୋଧନ ଦେଉଛନ୍ତି।

**ସୁନ୍ଦରଗଡ଼,୨୧।୨(ଡି.ଏନ.ଏ.)**

ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଅଧକ୍ଷ ଡ. ପ୍ରବୀଣ ଭାଇ ତୋଗାଡିଆଙ୍କ ତିନିଦିନିଆ ସୁନ୍ଦରଗଡ଼ ଗସ୍ତ ଅବସରରେ ମଙ୍ଗଳବାର ବନଡେଗା କିଲକିଲା ଛକରେ ଅନୁଷ୍ଠିତ ପଞ୍ଚକୁଣ୍ଡୀୟ ଧର୍ମଯଜ୍ଞ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସେ କହିଲେ ଯେ, ଯେଉଁମାନେ ହିନ୍ଦୁ ଧର୍ମ ପରିତ୍ୟାଗ କରି ଅନ୍ୟ ଧର୍ମରେ ଧର୍ମାନ୍ତରିତ ହୋଇଛନ୍ତି ସେମାନଙ୍କ ସଂରକ୍ଷଣ ସୁବିଧା ଉଚ୍ଛେଦ ହେବା ଉଚିତ। ସରକାର ଏ ସମ୍ବନ୍ଧରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ବନବାସୀ ଅଞ୍ଚଳର ଜଳ, ଜମି, ଜଙ୍ଗଲ, ଖଣି ଉପରେ ଜନଜାତିଙ୍କର ପ୍ରଥମ ଅଧିକାର ରହିଛି। ଜନଜାତି ସଂସ୍କୃତିରୁ ହିଁ ହିନ୍ଦୁ ଧର୍ମ ବିକଶିତ ହୋଇଛି। ତେଣୁ ସରଳ ବନବାସୀମାନଙ୍କୁ ଧର୍ମାନ୍ତରିତ କରାଯିବା ପ୍ରାୟାସକୁ ବରଦାସ୍ତ କରାଯିବ ନାହିଁ। ଜନସଂଖ୍ୟା ଅସନ୍ତୁଳନର ପରିଣାମ କାଶ୍ମୀର ଓ ଉତ୍ତର-ପୂର୍ବରେ ଦେଖି ସାରିଛୁ। ତେଣୁ ଜନଜାତିଙ୍କ ଆର୍ଥିକ ସାମାଜିକ ବିକାଶ ପାଇଁ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ କାର୍ଯ୍ୟ କରୁଛି ବୋଲି ଡ.ତୋଗାଡିଆ ତାଙ୍କ ଉଦ୍‌ବୋଧନରେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ଜାତୀୟ ସମ୍ପାଦକ ମନୋଜ ସାହୁ, ରାଷ୍ଟ୍ରୀୟ ଟ୍ରାଇବାଲ ପରିଷଦର ଜାତୀୟ ସାଧାରଣ ସମ୍ପାଦକ ଦୀପକ କୁମାର ମହାନ୍ତ, ରାଷ୍ଟ୍ରୀୟ ବଜରଙ୍ଗ ଦଳର ପ୍ରାନ୍ତସମ୍ପାଦକ ଅନୀଲ ଚୌଧୁରୀ, ସୁନ୍ଦରଗଡ଼ ଜିଲା ସଭାପତି କିଶୋର ମିଶ୍ର, ରାଷ୍ଟ୍ରୀୟ କିଷାନ ପରିଷଦର ପ୍ରାନ୍ତ ସଭାପତି ଗଜେନ୍ଦ୍ର ସାଏ ଯୋଗଦେଇଥିଲେ। ପ୍ରାନ୍ତ ସମ୍ପାଦକ ଲବ ରାଣାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଝାଡଖଣ୍ଡ ଓ ଛତିଶଗଡ଼ରୁ ହଜାର ହଜାର ଲୋକ ଯୋଗ ଦେଇଥିଲେ।

# ଉଦ୍‌ଘାଟିତ ହେଲା ପୌର ପରିଷଦ 'ଗଣେଶ ପାର୍କ'

**ପୌର ପରିଷଦର ଉପାଧକ୍ଷଙ୍କ ସମେତ ଭାଜପାର ୬ ଏବଂ ଜଣେ ସ୍ୱାଧୀନ କାଉନସିଲର ଅନୁପସ୍ଥିତ**

**ଦେବଗଡ଼, ୨୧।୨(ଡି.ଏନ୍.ଏ.)**

ପୁନରୁଦ୍ଧାର, ନବୀକରଣ, ଆଧୁନିକୀକରଣ ଓ ସୌନ୍ଦର୍ଯ୍ୟକରଣ ପରେ ମଙ୍ଗଳବାର ସନ୍ଧ୍ୟାରେ ପୁନଃ ଉଦ୍‌ଘାଟିତ ହେଲା ଦେବଗଡ଼ ପୌର ପରିଷଦ 'ଗଣେଶ ପାର୍କ'। ଏହାକୁ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲାପାଳ ସୋମେଶ କୁମାର ଉପାଧାୟ ଫିତାକାଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ତାଙ୍କର ଅଭିଭାଷଣରେ ସ୍ୱଳ୍ପ ସମୟ ମଧ୍ୟରେ ଏଭଳି ଏକ ଅତ୍ୟାଧୁନିକ ଏବଂ ସୌନ୍ଦର୍ଯ୍ୟପୂର୍ଣ୍ଣ ପାର୍କ ନିର୍ମାଣ ପାଇଁ ଦେବଗଡ଼ ପୌର ପରିଷଦର ଅଧକ୍ଷା, ଉପାଧକ୍ଷା, ସମସ୍ତ କାଉନସିଲର ଓ ନିର୍ବାହୀ ଅଧିକାରୀଙ୍କୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରମୋଦ କୁମାର ରଥ, ଦେବଗଡ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଲୁକାଶ ପ୍ରଧାନ ଓ ଦେବଗଡ଼ ପୌର ପରିଷଦ ଅଧକ୍ଷା ଶାନ୍ତିମଞ୍ଜରୀ ଦେଇଙ୍କ ସମେତ ପୌର ପରିଷଦ ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ ଉପାଧାୟ ସମ୍ମାନିତ ଅତିଥିମାନଙ୍କ ସହିତ ଲାଇଟ ଏବଂ ସାଉଣ୍ଡ ସମ୍ବଳିତ ୱାଟର ଫାଉଣ୍ଟେନ, କଫି ଏଣ୍ଡ ସ୍ନାକ୍ସ କାଉଣ୍ଟର ଏବଂ ଜିମ ପରିଦର୍ଶନ କରି ଏଗୁଡିକୁ ମଧ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧ନମ୍ବର ୱାର୍ଡର କାଉନସିଲର ପ୍ରମିଳା ବେହେରା, ୨ନମ୍ବର ୱାର୍ଡର କାଉନସିଲର ସଞ୍ଜୁକ୍ତା ଆଚାର୍ଯ୍ୟ, ୩ ନମ୍ବର ୱାର୍ଡର କାଉନସିଲର ବାସନ୍ତୀମଣି ମାଝୀ ଓ ୫ନମ୍ବର ୱାର୍ଡର କାଉନସିଲର ଜତିନ କୁମାର ନାୟକଙ୍କ ସମେତ ବହୁ କର୍ମଚାରୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅବସରରେ ଶିଶୁମାନଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଦେବଗଡ଼ ପୌରାଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠିର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦଘାଟନୀ କାର୍ଯ୍ୟକ୍ରମରେ ୧୧ ୱାର୍ଡ ବିଶିଷ୍ଟ ଦେବଗଡ଼ ପୌର ପରିଷଦର ଉପାଧକ୍ଷ ପ୍ରଜିତ କୁମାର ଭୋଜଙ୍କ ସମେତ ଭାଜପା ଦଳର ୬ଜଣ କାଉନସିଲର ଏବଂ ଜଣେ ସ୍ୱାଧୀନ କାଉନସିଲର ଅନୁପସ୍ଥିତ ଥିଲେ।



ଦେବଗଡ଼ ପୌର ପରିଷଦ 'ଗଣେଶ ପାର୍କ' ଉଦ୍‌ଘାଟନ କରାଯାଉଛି।

### ସରକାରୀ ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର

**ସୁନ୍ଦରଗଡ଼,୨୧।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଯୁବ ରେଡକ୍ରସ ଆନୁକୂଲ୍ୟରେ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଶ୍ରୀନିବାସ ବରିହା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସହପ୍ରାଧ୍ୟାପିକା ଡ. ଇନ୍ଦିରା ଗଡ଼ନାୟକ ରକ୍ତଦାନ ଏକ ମହତଦାନର ଯଥାର୍ଥତା ଦର୍ଶାଇ ପ୍ରଥମେ ରକ୍ତଦାନ କରିଥିଲେ। ଏହା ପରେ କାର୍ଯ୍ୟକ୍ରମର ସଞ୍ଚାଳିକା ଦ୍ୱୟ ଡ.ସଞ୍ଜିତା ଅଭିନିତା, ଚାରୁଲତା ନାଏକ ,ସାଲିଆ କୁଜୁର, ଡ. ନାରାୟଣ, ଅଜିତ କୁମାର ସାହୁ, ଡ.ସଞ୍ଜୟ ବେହେରାଙ୍କ ସମେତ ମୋଟ ୨୦ଛାତ୍ରୀ ରକ୍ତଦାନ କରିଥିଲେ। ଏହି ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଓ ମାନସିକ ସ୍ୱାସ୍ଥ୍ୟ ଅଭିବୃଦ୍ଧି ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ରକ୍ତ ଅନ୍ତରଣ ପରିଷଦ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜୀବନ ବିନ୍ଦୁ, ଓଡିଶା ମୋ ପରିବାର ଓ ଜିଲା ସ୍ୱାସ୍ଥ୍ୟ ବିଭାଗର ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୌର ଉପାଧକ୍ଷ ଲଲାଟେନ୍ଦୁ ପରିଡା, ପଶ୍ଚିମ ଓଡିଶା ବିକାଶ ପରିଷଦର ସଭ୍ୟ ବୈକୁଣ୍ଠ ନାଏକ, କାଉନସିଲର ସୁମନ୍ତ ସାହୁ, ପ୍ରିୟଙ୍କା ଜେନା ଓ ମହାବିଦ୍ୟାଳୟର ଅଧାପିକା ଅଧାପକ ଯୋଗଦେଇଥିଲେ।

# ଅବ୍ୟବସ୍ଥାରେ ଚାଲିଛି ଆହାର କେନ୍ଦ୍ର



ନିର୍ମାଣାଧୀନ ନୂତନ ଆହାର କେନ୍ଦ୍ର ।

**ରାଉରକେଲା ଅଫିସ, ୨୧।୨**

ଗରିବ ଲୋକଙ୍କୁ ୫ ଟଙ୍କାରେ ଦୁଇଓଳି ଖାଦ୍ୟ ଯୋଗାଇ ଦେବା ପାଇଁ ରାଉରକେଲା ସହରରେ ୬ଟି ଆହାର କେନ୍ଦ୍ର ଖୋଲାଯାଇଛି। ଫଳରେ ଦୈନିକ ସହରକୁ ଆସୁଥିବା ଗରିବ ଛାତ୍ରୀଛାତ୍ର, ଶ୍ରମିକ, ମହିଳା, ବୃଦ୍ଧାବୃଦ୍ଧ ଓ ଶିଶୁମାନେ ଏହାର ସୁବିଧା ପାଇପାରୁଛନ୍ତି। ତେବେ ବର୍ତ୍ତମାନ ଏହି ଆହାର କେନ୍ଦ୍ରଗୁଡିକ ନାନା ଅବ୍ୟବସ୍ଥାରେ ଚାଲିଥିବାରୁ ଏଠାକୁ ଆସୁଥିବା ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ରାଉରକେଲା ସହରର ଖୋଲାଯାଇଥିବା ଆହାର କେନ୍ଦ୍ର ପରିଚାଳନା ଦାୟିତ୍ୱ ମହିଳା ଏସ୍‌ଏଚ୍‌ଜିଙ୍କୁ ଦିଆଯାଇଛି। ବେଦବ୍ୟାସ ଆହାର କେନ୍ଦ୍ରରେ ଦୈନିକ ୫ଶହ ମିଲ୍ସ ତିଆରି କରାଯାଉଥିବା ବେଳେ ଆରଜିଏଚ୍‌ରେ ୧୨ଶହ, ଆଇଜିଏଚ୍‌ରେ ୫୯୭, ପାୱାର ହାଉସ ରାସ୍ତାରେ ୫୧୦, ସେକ୍ଟର-୨ ବସଷ୍ଟାଣ୍ଡରେ ୫ଶହ ଏବଂ ନୂଆ ବସଷ୍ଟାଣ୍ଡ ଟର୍ମିନାଲରେ ୫ଶହ ମିଲ୍ସ ତିଆରି କରି ଲୋକଙ୍କୁ ଦିଆଯାଉଛି। ତେବେ ଆର୍‌ଜିଏଚ୍ ଆହାର କେନ୍ଦ୍ର ବ୍ୟତୀତ ଅନ୍ୟ ୫ଟି କେନ୍ଦ୍ରର ପାତ୍ର ଧୋଇବା ମେଶିନ ବହୁମାସ ହେଲା ଅଚଳ ହୋଇପଡିଛି। ଫଳରେ କେନ୍ଦ୍ର ଦାୟିତ୍ୱରେ ଥିବା ମହିଳା ଗ୍ରୁପ୍ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଖାଦ୍ୟ ଖାଇସାରିବା ପରେ ଲୋକେ ନିଜେ ଥାଳି ସଫା କରୁଥିବା ଦେଖିବାକୁ ମିଳିଛି। ମେଶିନ ମରାମତି ପାଇଁ ପ୍ରଶାସନକୁ ଅବଗତ କରାଯାଉଥିଲେ ମଧ କିଛି ସୁଫଳ ମିଳୁନାହିଁ। ଆର୍‌ଜିଏଚ୍‌କୁ ଦୈନିକ ହଜାର ହଜାର ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଏଠାରେ ଥିବା ଆହାର କେନ୍ଦ୍ର ଗୃହ ଛୋଟ ଯୋଗୁ ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ରହିବାକୁ ପଡୁଛି। ଏହି ଆହାର କେନ୍ଦ୍ରରେ ଲାଗିଥିବା ଦୁଇଟି ସିସିଟିଭି କ୍ୟାମେରା ମଧ ଦୀର୍ଘମାସ ହେଲା ଅଚଳ ହୋଇପଡିଥିବା ବେଳେ ଏଯାଏ ମରାମତି ହେଉନି। ଆର୍‌ଜିଏଚ୍ ସଂଲଗ୍ନ ନୂତନ ଆହାର କେନ୍ଦ୍ର ଗୃହର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉନାହିଁ। ଗ୍ରୀଷ୍ମ ପୂର୍ବରୁ ଉକ୍ତ ୬ଟି ଆହାର କେନ୍ଦ୍ରରେ ଆବ୍ୟଶ୍ୟକ ଭିତ୍ତିଭୂମି ସଜାଡିବାକୁ ଦାବି ହେଉଛି। ଏ ନେଇ ରାଉରକେଲା ମହାନଗର ନିଗମ କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ପଚାରିବାରୁ ଅଭିଯୋଗର ସତ୍ୟାସତ୍ୟ ତଦନ୍ତ କରାଯିବ। ଏହାସହ ସବୁ ଆହାର କେନ୍ଦ୍ରରେ ଉପୁଜୁଥିବା ସମସ୍ୟାଗୁଡିକର ତୁରନ୍ତ ସମାଧାନ ପାଇଁ ବିହିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

## ଥାନାର ଦ୍ୱାରସ୍ଥ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା

**ଦେବଗଡ଼, ୨୧।୨(ଡି.ଏନ୍.ଏ.):** ଗତ ୧୨ ତାରିଖ ପ୍ରତ୍ୟୁଷରେ ଦେବଗଡ଼ ପୌର ପରିଷଦ କାଉନସିଲ ହଲରେ ଘଟିଥିବା ଅଗ୍ନିକାଣ୍ଡରେ ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ପୋଡ଼ିଯିବା ଘଟଣାରେ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଦାୟୀ କରିଛି ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ଓ ଯୁବ ମୋର୍ଚ୍ଚା। ଅନୁସୂଚିତ ଜାତି ମୋର୍ଚ୍ଚାର ଦେବଗଡ଼ ଜିଲା ସଭାପତି ପ୍ରଜିତ କୁମାର ଭୋଜ, ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ସନ୍ତୋଷ କୁମାର ଭୂତିଆ ଓ ଯୁବ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯୁବ ନେତା ଦୟା ଶଙ୍କର ଦ୍ୱିବେଦୀ ଦେବଗଡ଼ ଥାନାକୁ ଯାଇ ପୌର ପରିଷଦ ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ।



ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ଜଣାଇଛନ୍ତି। ଗତ ୧୨ ତାରିଖରେ ଅଗ୍ନିକାଣ୍ଡରେ ଅଡିଟ ପାଇଁ

**ପୌର ପରିଷଦ କାଉନସିଲ ହଲରେ ନଥିପତ୍ର ପୋଡ଼ିଯିବା ଘଟଣା**

ଥିବା କାର୍ଯ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ପୋଡ଼ିଯାଇଥିଲା । ତେବେ ପୌର ପରିଷଦରେ ବିଭିନ୍ନ ଦୁର୍ନୀତି ଓ ଆର୍ଥିକ ଅନିୟମିତତା ନେଇ ସେମାନେ ପୂର୍ବରୁ ଅଭିଯୋଗ କରିଥିଲେ। ଦୁର୍ନୀତିକୁ ଘୋଡାଇବା ସହ ପ୍ରମାଣନଷ୍ଟ ସକାଶେ ପୌର ପରିଷଦର କେତେକ କର୍ମଚାରୀ ଏବଂ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ଏସବୁ ପୋଡିଦେଇଥିବା ସେମାନଙ୍କର ଏତଲାରେ ଦର୍ଶାଇଛନ୍ତି। ଏହା ସହ ସେମାନେ ନିର୍ବାହୀ ଅଧିକାରୀଙ୍କୁ ଦାୟୀ କରିଛନ୍ତି।

# ଧଳା ଚାଉଳକୁ ନେଇ ସଂଶୟ

**ବଡ଼ଗାଁ, ୨୧।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତରେ ଦିଆଯାଉଥିବା ମାଗଣା ଚାଉଳରେ ଅତ୍ୟଧିକ ଧଳା ଦେଖାଯାଉଥିବା କିଛି ଚାଉଳକୁ ନେଇ ମହିଳାମାନଙ୍କ ମଧ୍ୟରେ ସଂଶୟ ଦେଖାଦେଇଛି। କିଛିଦିନ ପୂର୍ବେ ପାମରା ପଞ୍ଚାୟତରେ ଦିଆଯାଇଥିବା ଏହି ଚାଉଳକୁ ଲୋକେ ପ୍ଲାଷ୍ଟିକ ଚାଉଳ ହୋଇଥିବା ଆଶଙ୍କା କରି ଅଭିଯୋଗ କରିଥିଲାବେଳେ ଇତମା ପଞ୍ଚାୟତରେ ମଧ ଅନୁରୂପ ଅଭିଯୋଗ ହୋଇଥିଲା। ଇତମା ଗ୍ରାମର ମହିଳାମାନେ ଗଣମାଧମ ପ୍ରତିନିଧିଙ୍କୁ ଡକାଇ ନିମ୍ନମାନର କିମ୍ବା ପ୍ଲାଷ୍ଟିକ ଚାଉଳ ହୋଇଥିବା ଆଶଙ୍କା କରି ଦେଖାଇଥିଲେ। ସେମାନେ କହିଥିଲେ, ଏହି ଚାଉଳକୁ ରାତିସାରା ପାଣିରେ ରଖିଲେ ମଧ ଭିଜୁନାହିଁ କି ଭାଜିଲେ ମଧ ଫୁଟୁନାହିଁ। ରୋଷେଇ କଲେ ନାଲୁଆ ହୋଇଯାଉଛି। ଏହି କାରଣରୁ ଲୋକେ ଅତ୍ୟଧିକ ଧଳା ଦେଖାଯାଉଥିବା ଚାଉଳକୁ ପ୍ଲାଷ୍ଟିକ ଚାଉଳ ବୋଲି ଆଶଙ୍କା କରୁଛନ୍ତି। ଇତମା ଗ୍ରାମର ମହିଳାମାନଙ୍କ ଅଭିଯୋଗ ପାଇଲା ପରେ ବଡ଼ଗାଁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ବିଡ଼ିଓ କ୍ଷମାନିଧି ଭୋଇ ଓ ଯୋଗାଣ ନିରୀକ୍ଷକ ଶିବାନୀରାଣୀ ବରିହାଙ୍କୁ ସାକ୍ଷାତକରି ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆମ ପ୍ରତିନିଧି ବିଡ଼ିଓ ଭୋଇ ଓ ଯୋଗାଣ ନିରୀକ୍ଷକ ଶିବାନୀରାଣୀ ବରିହାଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେମାନେ କହିଛନ୍ତି, ସରକାରଙ୍କ ଦ୍ୱାରା ଯୋଗାଣ ହେଉଥିବା ଏହି ଚାଉଳ ଭିଟାମିନ ଯୁକ୍ତ ଓ ଏହା ଶରୀର ପାଇଁ ହିତକର। ବିଶେଷକରି ମହିଳାମାନଙ୍କ ପାଇଁ ଅଧିକ ଲାଭଦାୟକ। ଏହା ପ୍ଲାଷ୍ଟିକ ଚାଉଳ କିମ୍ବା ନିମ୍ନମାନର ଚାଉଳ ନୁହେଁ। ଚଳିତ ମାସଠାରୁ ଏହି ଭିଟାମିନ ଯୁକ୍ତ ଚାଉଳ ଦିଆଯାଉଛି। ଏ ନେଇ ସମସ୍ତ ସରପଞ୍ଚଙ୍କୁ ସଭାରେ ଜଣାଇ ଦିଆଯାଇଛି। କାହାରି ଭ୍ରମାତ୍ମକ କଥାରେ ନ ପଡ଼ି ଏହି ଚାଉଳ ଖାଇବାକୁ କୁହାଯାଇଛି।



# ଟ୍ରକ୍ ପଛପଟେ ଧକ୍କା ଦେଲା ବୋଲେରୋ: ୮ ଛାତ୍ରୀଛାତ୍ର ଆହତ

**ଦେବଗଡ଼, ୨୧।୨(ଡି.ଏନ୍.ଏ.)**

ଦେବଗଡ଼ ଥାନା ଅନ୍ତର୍ଗତ ଭୁକାବେଡା ନିକଟସ୍ଥ ୪୯ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ଅପରାହ୍ନ ୪ଟା ୨୫ରେ ଦୁର୍ଘଟଣା ଘଟିଛି। ଏକ ବୋଲେରୋ ଗାଡ଼ି ଏକ ଟ୍ରକ୍‌ର ପଛପଟେ ଧକ୍କା ଦେବାରୁ ସେଥିରେ ବସିଥିବା ତିଲେଇବଣିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ୮ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁଯାୟୀ ତିଲେଇବଣିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ଏକ ଘରୋଇ ବୋଲେରୋ ନଂ. ଓଡି ୧୯ଡି ୮୫୩୩ରେ ଦେବଗଡ଼ସ୍ଥିତ ନିଜ ଘରକୁ ଫେରୁଥିଲେ। ତେବେ ଉକ୍ତ ବୋଲେରୋ ଜାତୀୟ ରାଜପଥରେ ଏକ ଟ୍ରକ ନଂ. ଓଡି୧୯ ଜି-୬୫୬୯ର ପଛପଟେ ଧକ୍କା ଦେଇଥିଲା। ଫଳରେ ସେଥିରେ ବସିଥିବା ଛାତ୍ରୀଛାତ୍ର ବୈଭବ ରମଣ ଦାଶ (୧୫), ପ୍ରଜ୍ଞା ପରମିତା ନାୟକ(୧୨), ଅଭିଲିପ୍ସା ସାହୁ (୧୨), ବୃଆ ଚନ୍ଦନ ବେହେରା(୧୨), ଚର୍ଚ୍ଚିତ ଚନ୍ଦନ ପ୍ରଧାନ(୧୩), ସୋନାଲୀ ପ୍ରସାଦ(୧୨), ଓମ ପ୍ରକାଶ ଦେହୁରୀ (୧୩) ଓ କ୍ରିଶ ବେହେରା(୧୩) ଆହତ ହୋଇଥିଲେ। ଓମ ପ୍ରକାଶ ଦେହୁରୀ ଓ କ୍ରିଶ ବେହେରାଙ୍କ ଅବସ୍ଥା ଗୁରୁତର ରହିଛି। ବୈଭବରମଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ଅନ୍ୟ ୫ଜଣ ପ୍ରାଥମିକ ଚିକିତ୍ସା ପରେ ନିଜ ଘରକୁ ଫେରିଯାଇଥିବା ଜଣାପଡିଛି। ସୂଚନାପାଇ ଦେବଗଡ଼ ଆଦର୍ଶ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ବୋଲେରୋ ଓ ଟ୍ରକକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି। ଦେବଗଡ଼ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଦେବଗଡ଼ ପୌର ପରିଷଦ ଅଧକ୍ଷା ଶାନ୍ତିମଞ୍ଜରୀ ଦେଇ, ଉପାଧକ୍ଷ ପ୍ରଜିତ କୁମାର ଭୋଜ, ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତ ଛାତ୍ରୀଛାତ୍ରଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ସନ୍ଧ୍ୟାରେ ଦେବଗଡ଼ ଜିଲାପାଳ ସୋମେଶ ଉପାଧାୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଚିକିତ୍ସାଧିନ ଆହତ ଛାତ୍ର ବୈଭବ ରମଣଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସାଧନା ଦାଶ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ଉମେଶ ପ୍ରସାଦ ଷଡଙ୍ଗୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାପାଳ ଉପାଧାୟ ବୁର୍ଲା ସ୍ଥାନାନ୍ତରିତ ହୋଇଥିବା ଆହତ ଛାତ୍ର ଦ୍ୱୟଙ୍କ ସମ୍ପର୍କରେ ନିୟମିତ ସମୟ ବ୍ୟବଧାନରେ ସୂଚନା ସଂଗ୍ରହ କରି ତାଙ୍କୁ ଜଣାଇବା ପାଇଁ ମଧ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଦାଶଙ୍କୁ ନିର୍ଦ୍ଦେଶ ଦେଇଥିଲେ।





ଦୁର୍ଘଟଣାରେ ଆହତ ଛାତ୍ରୀଛାତ୍ରଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି।

### ଶିଶୁ ମନ୍ଦିରରେ ମାତୃଭାଷା ଦିବସ

ଖଡ଼ିଆଳ,(ଡି.ଏନ.ଏ.): ଖଡ଼ିଆଳ ଶିଶୁ ବିଦ୍ୟାମନ୍ଦିରରେ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଯାଦବ ଚନ୍ଦ୍ର ବାଗ ଯୋଗଦେଇ ଦିବସର ମହତ୍ତ୍ୱ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ସତ୍ୟ ନାରାୟଣ ଭୋକ୍ତା, ଆଚାର୍ଯ୍ୟ ଗଣେଶ ଚନ୍ଦ୍ର ଗହିର ମାତୃଭାଷା ଦିବସ ପାଳନର ମହାନତା ପ୍ରତିପାଦନ କରିଥିଲେ। ରଞ୍ଜିତା ବାଗ ଅତିଥି ପରିଚୟ, ବିଜୟ ହରିଜନ ମଞ୍ଚ ପରିଚାଳନା, ରମେଶ ହଂସ ଧନ୍ୟବାଦ ଦେଇଥିଲେ। ରାୟରାଣୀ ମହାଉତି, ରିତେଶ ସାହୁ, ଶ୍ରୀୟସ୍ମିତା ସାହୁ ଦିବସ ଉପରେ କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ବିଧୁ ଭୂଷଣ ତ୍ରିପାଠୀ ଏଆଇସିସି ସଦସ୍ୟ ନିର୍ବାଚିତ



ବଲାଙ୍ଗୀର ଅଫିସ,୨୧।୨: ବଲାଙ୍ଗୀରର ବରିଷ୍ଠ କଂଗ୍ରେସ ନେତା ତଥା ସୁନ୍ଦରଗଡରେ ଦଳୀୟ ପର୍ଯ୍ୟବେକ୍ଷକ ଥିବା ବିଧୁଭୂଷଣ ତ୍ରିପାଠୀ ଏଆଇଆଇସିସି ସଦସ୍ୟ ମନୋନୀତ ହୋଇଛନ୍ତି। ତ୍ରିପାଠୀ ଛାତ୍ର ଜୀବନରୁ କଂଗ୍ରେସ ଦଳ ସହ ସଂଶ୍ଲିଷ୍ଟ ହୋଇଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସଭାପତି ନିର୍ବାଚିତ ହୋଇ ରାଜ୍ୟ ଛାତ୍ର କଂଗ୍ରେସ ପ୍ରବକ୍ତା, ବଲାଙ୍ଗୀର ଜିଲା ଯୁବ କଂଗ୍ରେସ ସଭାପତି, ପିସିସି ସମ୍ପାଦକ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ସଭପତି, ପିସିସି ସଭ୍ୟ ରହିବା ସହ ଦେଶର ବିଭିନ୍ନ ରାଜ୍ୟରେ ଯୁବ କଂଗ୍ରେସ ନିର୍ବାଚନ ଅଧିକାରୀଭାବେ କାର୍ଯ୍ୟ କରିଛନ୍ତି। ଏଆଇସିସି ସଭ୍ୟ ମନୋନୀତ ହୋଇଥିବାରୁ ସଭାପତି ମାଲିକର୍ଜୁନ ଖର୍ଗେ, ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ତ୍ରିପାଠୀ ବିଧୁଭୂଷଣ ଧନ୍ୟବାଦ ଜଣାଇଛନ୍ତି।

### ଗୋହତ୍ୟା ବନ୍ଦ ଦାବିରେ ବାଇକ୍ ଶୋଭାଯାତ୍ରା

କଣ୍ଟାବାଞ୍ଜି,୨୧।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଟାଲିପଡା ନିକଟ ସତନାମୀ ପଡା ଅଞ୍ଚରେ ଗୋହତ୍ୟା ବନ୍ଦ କରିବା ଦାବିରେ ମଙ୍ଗଳବାର ହିନ୍ଦୁ କେଶରିଆ ବାହିନୀ ଓ ରାମସେନା ପକ୍ଷରୁ ଏକ ବାଇକ ଶୋଭାଯାତ୍ରା କରାଯାଇଥିଲା। ରାଲିରେ ଧର୍ମାନନ୍ଦ ଯୁଏଡ, ତୀର୍ଥ ସିଂ ଠାକୁର, ଯୁଗଳ ଖଣ୍ଡେଲୱାଲ, ବଜରଙ୍ଗ ସୋନି, ଦେବରାଜ ଯାଦବ ପ୍ରମୁଖ ସାମିଲ ହୋଇଥିଲେ।କଣ୍ଟାବାଞ୍ଜି ୱାର୍ଡ ନଂ. ୧୫ ରେଳବାଇ ଟାଲିପଡା ନିକଟ ସତନାମୀ ପଡାରେ ରବିବାର ଏକ ଟେମ୍ପୁ ବୋଝେଇ ଗୋମାଂସ ଜବତ କରାଯାଇଥିଲା। ରାମସେନା କାର୍ଯ୍ୟକର୍ତ୍ତାଙ୍କଠାରୁ ଖବର ପାଇ ପୋଲିସ ଏହି ଚଢାଉ କରି ଜବତ ମାଂସକୁ ପୋତି ଦେଇଥିଲା। ସୋମବାର ପୋଲିସ ଗୋମାଂସ ଚାଲାଣ ଅଭିଯୋଗରେ ଟେମ୍ପୁ ଚାଳକଙ୍କ ସହ ୪ଜଣଙ୍କୁ କୋର୍ଟ ଚାଲାଣ କରିଥିଲା।

### ପାୱାର ଲିଫଟିଙ୍ଗ ଚାମ୍ପିୟନଶିପ ଉଦ୍‌ଘାଟିତ

ଟିଟିଲାଗଡ଼,୨୧।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ ରାଜ୍ୟସ୍ତରୀୟ ପାୱାର ଲିଫଟିଙ୍ଗ ଚାମ୍ପିୟନଶିପ ଉଦ୍‌ଘାଟିତ ହୋଇଛି। ବୀରହନୁମାନ ବ୍ୟାୟାମଶାଳା ଦ୍ୱାରା ଆୟୋଜିତ ଚାମ୍ପିୟନଶିପର ଉଦ୍‌ଘାଟନୀ ଉତ୍ସବରେ ଉପଜିଲାପାଳ ଦୟାମୟ ପାଢ଼ୀ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ତୁଷୁରା ଏନଏସି ଅଧକ୍ଷ ଅଜୟ ଜୟସ୍ୱାଲ, ଟିଟିଲାଗଡ ପୌର ପରିଷଦ ଉପାଧକ୍ଷା ପୁଷ୍ପାମଞ୍ଜରୀ ଜାଲ, ଓଡିଶା ପାୱାର ଲିଫଟିଙ୍ଗ ସମ୍ପାଦକ ସଂଗୀତା ସିଂ, ସମାଜ ସେବୀ ଦୀପକ ସାହୁ, ଦିଲ୍ଲୀପ ବାଗ, ପ୍ରେମ ଜୈନ, ସଞ୍ଜୁ ଗୋୟଲ ଓ ଗୁଟୁ ବାଗ ପ୍ରମୁଖ ଯୋଗ ଦେଇଥିଲେ। ଏହି ଚାମ୍ପିୟନଶିପରେ ବଲାଙ୍ଗୀର, ଭଦ୍ରକ, କଟକ, ସମ୍ବଲପୁର, ମୟୁରଭଞ୍ଜ, ମାଲକାନଗିରି, କୋରାପୁଟ, ରାୟଗଡା, ଯାଜପୁର, ଖୋର୍ଦ୍ଧା, ସୁନ୍ଦରଗଡ଼ ଓ ଝାରସୁଗୁଡା ଜିଲାରୁ ବିଭିନ୍ନ ବର୍ଗରେ ୧୦୦ ବାଳିକା ଓ ୨୦୦ ବାଳକ ଯୋଗ ଦେଇଛନ୍ତି। ଆଗାମୀ ୨୩ତାରିଖରେ ଚାମ୍ପିୟନଶିପ ଉଦ୍‌ଯାପିତ ହେବ।

### ପରୀକ୍ଷା ବେଳେ ବୋରିଂ ଖୋଳାକୁ ନେଇ ଅସନ୍ତୋଷ

ଲୋଇସିଂହା,୨୧।୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବୋରିଂ ମଙ୍ଗଳବାର ଖୋଳାଯାଇଛି। ବିଦ୍ୟାଳୟର ନବମ ଶ୍ରେଣୀ ସମ୍ମିଟିଭ ପରୀକ୍ଷା ଚାଲିଥିବାବେଳେ ବୋରିଂ ଖୋଳା ଚାଲିଥିବାରୁ ପରିକ୍ଷାର୍ଥୀମାନେ ପ୍ରଭାବିତ ହୋଇଥିଲେ। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଫେବୃୟାରୀ ୨୦ରୁ ୨୬ ଯାଏ ନବମ ଶ୍ରେଣୀ ସମ୍ମିଟିଭ ୨ ପରୀକ୍ଷା ହେଉଛି। ପୂର୍ବାହ୍ନ ୧୦ ରୁ ମଧ୍ୟାହ୍ନ ୧୨ଟା ଯାଏ ପରୀକ୍ଷା ହେଉଛି। ମଙ୍ଗଳବାର ପରୀକ୍ଷାର ଦ୍ୱିତୀୟ ଦିବସରେ ଓଡିଆ ବିଷୟ ଥିଲା। ଏହି ସମୟ ମଧ୍ୟରେ ବୋରିଂ ଖୋଳା ଗାଡିକୁ ସ୍କୁଲ ଗେଟ ଆଗରେ ରଖି ବୋରିଂ ଖୋଳା ଚାଲିଥିଲା। ସ୍କୁଲ ଗେଟରୁ ପରୀକ୍ଷା ହଲର ଦୂରତା ମାତ୍ର ୩୦ ରୁ ୪୦ ମିଟର ହେବ। ପରୀକ୍ଷା ଆରମ୍ଭରୁ ଶେଷ ଯାଏ ବୋରିଂ ମେଶିନର ଘଡଘଡ ଶବ୍ଦରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇଥିଲେ। ପରୀକ୍ଷା ସମୟ ସାରିଣୀ ବେଳେ ସ୍କୁଲ ପରିସରରେ ବୋରିଂ ଖୋଳିବା ଜାଣି କେତେକ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ୟାସଦେବ ରାଏଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିଲା। ୧୨ଟା ୯ ମିନିଟରେ ବୋରିଂ ଖୋଲି ସାରିବା ପରେ ମେଶିନ ବନ୍ଦ କଲାବେଳକୁ ପରୀକ୍ଷା ସରି ସାରିଥିଲା।

# କୋଶଲୀ ଭାଷାକୁ ସ୍ୱୀକୃତି ଦିଅ

ଟିଟିଲାଗଡ଼, ୨୧।୨(ଡି.ଏନ.ଏ.)



କୋଶଲୀ ଭାଷା ସମ୍ମିଳନୀରେ ମଞ୍ଚାସୀନ ଅତିଥି ବୃନ୍ଦ।

ବିଶ୍ୱ ମାତୃଭାଷା ଦିବସ ଅବସରରେ ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ ଦୁଇଦିନିଆ ଜାତୀୟ କୋଶଲି ଭାଷା ସମ୍ମିଳନୀ ମଙ୍ଗଳବାର ଆରମ୍ଭ ହୋଇଛି। ସ୍ଥାନୀୟ ଡିଏନ ରିସର୍ଟ ପରିସରରେ ଆୟୋଜିତ ସମ୍ମିଳନୀକୁ ପଦ୍ମଶ୍ରୀ ଡ଼ ଶ୍ରୀନିବାସ ଉଦ୍‌ଗାତା ଉଦ୍‌ଘାଟନ କରିଥିଲେ। ଭାରତ ଭୂଖଣ୍ଡର ପ୍ରାୟ ୬୦ଭାଗ କୋଶଲ ରାଜ୍ୟ ଅଧୀନରେ ରହିଥିବା ଅନେକ ଶାସ୍ତ୍ରରେ ଉଲ୍ଲେଖ ସହ ବିଭିନ୍ନ ବିଶ୍ୱବିଦ୍ୟାଳୟର ଅଧ୍ୟୟନରେ ସିଦ୍ଧ ହୋଇଛି। ସମାବେଶରେ ବକ୍ତବ୍ୟ ରଖି ସ୍ତମ୍ଭକାର ଡ଼. ଛାୟାକାନ୍ତ ଷଡ଼ଙ୍ଗୀ, ଶିକ୍ଷାବିତ୍ ରାଜୀବ ଲୋଚନ ପାଢୀ କୋଶଲି ଭାଷାକୁ ସ୍ୱୀକୃତି ସହ କୋଶଲିରେ ଶିକ୍ଷା ପ୍ରଦାନ ନିଶ୍ଚିତ କରିବାକୁ ମତପ୍ରକାଶ କରିଥିଲେ। ସମାବେଶରେ ଦେଶର ବିଭିନ୍ନ ପ୍ରାନ୍ତରୁ ଭାଷା ସଂଗ୍ରାମୀ ଯୋଗଦେଇଛନ୍ତି। ସୀତାକାନ୍ତ ମହାପାତ୍ର କମିଶନ କୋଶଲି ଭାଷା ସମେତ ଦେଶର ୩୮ଟି ଆଞ୍ଚଳିକ ଭାଷାକୁ ସରକାର ଅଷ୍ଟମ ପରିଚ୍ଛେଦରେ ସ୍ଥାନ ଦେବାକୁ ୨୦୦୪ମସିହାରେ ରିପୋର୍ଟ ଦେଇଥିଲେ। ହେଲେ ସରକାର ଏ ନେଇ ଅବହେଳା ଜାରି ରଖିଥିବା ଭାଷାବିତ୍‌ମାନେ ଅଭିଯୋଗ କରିଥିଲେ। ଶିକ୍ଷା ସମେତ ସମସ୍ତ ସରକାରୀ ବେସରକାରୀସ୍ତରରେ ଇଂଲିଶ ଭାଷା ପ୍ରଚଳନକୁ ଅନୁମତି ଥିବା ବେଳେ କୋଶଲି ସମେତ ଦେଶର ଅନ୍ୟ ମାତୃଭାଷା ପ୍ରତି ହତାଦରକୁ ବରଦାସ୍ତ କରାଯିବ ନାହିଁ ବୋଲି ଚେତାବନୀ ଦେଇଥିଲେ। କୋଶଲି ଭାଷା ସୁରକ୍ଷା ସମିତି ସଭାପତି ଦିଲୀପ ପଶାୟତ ଉଦ୍ଦେଶ୍ୟ ଜ୍ଞାପନ, ସମ୍ପାଦକ ଜ୍ୟୋତିପ୍ରକାଶ ଗଡତିଆ ସଭା ପରିଚାଳନା, କୋଶଲି ସାଂସ୍କୃତିକ ମହାଜୋଟ ସଭାପତି ଟିକେଲାଲ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ବିଶ୍ୱ ମାତୃଭାଷା ଦିବସ ଅବସରରେ ଅନୁଷ୍ଠିତ ଏହି ସମାବେଶ ପୂର୍ବରୁ ସ୍ଥାନୀୟ ଘଣ୍ଟାଶୁନି ମନ୍ଦିର ପରିସରରୁ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଆୟୋଜକ ଅନୁଷ୍ଠାନ କୋଶଲି ଭାଷା ସୁରକ୍ଷା ସମିତି ଏବଂ କୋଶଲି ସାଂସ୍କୃତିକ ମହାଜୋଟ ଟିଟିଲାଗଡ଼ ପକ୍ଷରୁ ସେବକ ଚରଣ ଦାଶ, ଗୋବର୍ଦ୍ଧନ ସାହୁ, ଘିନୁ ଆଡ଼ଜୁଆଡ଼, ଭିକାରି ମିଶ୍ର, ବୃନ୍ଦାବନ ଷଡ଼ଙ୍ଗୀ, ଜ୍ୟୋତିପ୍ରକାଶ ଗଡତିଆ, ନୀଳମଣି ସାହୁ, ହେମେନ୍ଦ୍ର ହାଁସଦା, ସତ୍ୟବ୍ରତ ପଣ୍ଡା, ରାଧେଶ୍ୟାମ ଭୋଇ, ସୁଶାନ୍ତ ବାଗ ପ୍ରମୁଖ ଭାଷା ସଂଗ୍ରାମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ପ୍ରଥମ ପର୍ଯ୍ୟାୟ ଭାରତୀୟ ଭାଷା ଅଧିକାର ଅଧିବେଶନରେ ଡ଼. ଦୋଳଗୋବିନ୍ଦ ବିଶି (କୋସଲି), ଡ଼. ସେନଥିନ ନାଥନ(ତାମିଲ), ଡ଼. ଦଶରଥ ବିଶି(ଗୋନ୍ଦୀ) ଦୀପକ ପାୱାର (ମରାଠୀ), ଯୋଗେଶ ରାଜ(ବାଡୋଗୋ), କୁନ୍ଦନ ଅମିତାଭ(ଅଙ୍ଗିକା), ନନ୍ଦଲାଲ ସିଂ (ମୁଣ୍ଡାରୀ), କୌଶିକ ମେହେର(ବଙ୍ଗଳା), ଡ଼. ତିଲ କୁମାର(କୋସଲି), ଅଜିତ ଭୋଇ(କନ୍ଧାନ), ତ୍ରିଲୋଚନ ବରିହା(ବିଞ୍ଝାଲ) ଯୋଗଦେଇ ମନୁଷ୍ୟ ସମାଜର ଅଭିବୃଦ୍ଧି, ଉତଥାନ, ପତନ, ସଂସ୍କୃତିର ମୂଲ୍ୟାୟନ, ସମୃଦ୍ଧି କ୍ଷେତ୍ରରେ ମାତୃଭାଷାର ମହତ୍ୱ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ସାକେତ ଭୂଷଣ ସାହୁ ଦିଲ୍ଲୀ ଜନ୍ତରମନ୍ତରଠାରୁ ଆରମ୍ଭ କରି ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଆନ୍ଦୋଳନ, ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତ ରାଜନେତାଙ୍କଠାରେ କୋଶଲି ଭାଷାର ସ୍ୱୀକୃତି ନେଇ ଦାବି ଉପସ୍ଥାପନ କରାଯାଇଥିବା କହିଥିଲେ।

#### ଜାତୀୟ କୋଶଲୀ ଭାଷା ସମ୍ମିଳନୀ

ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କୋଶଲି ଗବେଷକ ଡ଼ ଦୋଳଗୋବିନ୍ଦ ବିଶିଙ୍କୁ କୋଶଲଶ୍ରୀ ସମ୍ମାନ ପ୍ରଦାନ କରାଯାଉଥିଲା। ସେହିପରି କୋଶଲ ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁ, କୋଶଲ ପ୍ରବାହ ସମ୍ପାଦକ ଆନନ୍ଦ ସାହୁ, ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାମ୍ବାଦିକଙ୍କୁ ସମ୍ମାନିତ କରାଯାଇଥିଲା। ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା କେମ୍ପେନ ଫର ଲାଙ୍ଗୁଏଜ ଇକ୍ୱେଲିଟି ଆଣ୍ଡ ରାଇଟ୍ସ ଇଣ୍ଡିଆର ସଦସ୍ୟ ଖବରଦାତା ସମ୍ମିଳନୀରେ ମାତୃଭାଷାର ଅସ୍ତିତ୍ୱ ରକ୍ଷା ଜରୁରି ବୋଲି କହିଥିଲେ। ତୃତୀୟ ପର୍ଯ୍ୟାୟ କୋଶଲି ପ୍ରତିନିଧି ଅଧିବେଶନରେ ଆନନ୍ଦ ଚନ୍ଦ୍ର ସାହୁ, ଗୋରେଖନାଥ ସାହୁ, ପଦ୍ମଲୋଚନ ମିଶ୍ର, ବଳଦେବ ଦୀକ୍ଷିତ, ସୁରଜିତ ସିଂ ମହାରଥା, ହେମେନ୍ଦ୍ର ହାଁସଦା, ଲାଲଚନ ବରଗଡ଼ି ପ୍ରମୁଖ କୋଶଲି ଭାଷା ସଂଗ୍ରାମୀ ଯୋଗଦେଇଥିଲେ। ଡ଼. ନାରାୟଣ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା, ପୁଲସ୍ତି ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ।

## ଜିଲାପାଳଙ୍କ ଜନଶୁଣାଣି ଶିବିର

ବେଲପଡା, ୨୧।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଧୁଙ୍ଗିଆମୁଣ୍ଡାରେ ପଞ୍ଚାୟତସ୍ତରୀୟ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚଞ୍ଚଳ ରାଣା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ଏସ୍‌ପି ନୀତିନ କୁଶଳକର, ପାଟଣାଗଡ ଉପଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ବିଡ଼ିଓ ଭିକ୍ଟର ସୋରେନ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୯୭ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ୮ଟି ଅଭିଯୋଗର ତତ୍କାଳ ଶୁଣାଣି କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ଗୁରୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକିଶୋର ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ସନ୍ତଲାଲ ଦୀପ, ଜିଲା ମଙ୍ଗଳ ଅଧକାରୀ ଅଲେଖ ବିଶାଳ, ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀ ଇଂ ଅର୍ଜୁନ ବେହେରା, ଉପଖଣ୍ଡ ଯୋଗାଣ ଅଧିକାରୀ ମାୟାଧର ସାହଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବଲାଙ୍ଗୀର ଲାୟନ୍ସ ଚାମ୍ପିୟନ



ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ସହ କଳାକାର।

ବଲାଙ୍ଗୀର ଅଫିସ, ୨୧।୨

#### ଓଡିଶା କଳାକାର ପ୍ରିମିୟର ଲିଗ୍ ଉଦ୍‌ଯାପିତ

ବଲାଙ୍ଗୀର ଗାନ୍ଧୀ ଷ୍ଟଡିୟମଠାରେ ଚାଲିଥିବା ଦୁଇଦିନିଆ ଓଡିଶା କଳାକାର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଓଡିଶାର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନେ ଏହି ଟୁର୍ନାମେଣ୍ଟରେ ଯୋଗ ଦେଇଥିଲେ। କଳାକାରମାନଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ଏବଂ ଭାବ ଆଦାନ ପ୍ରଦାନ ସହ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ଏହି ଲିଗ୍‌ର ପରିକଳ୍ପନା କରାଯାଇଥିବା ସୂଚନା ଦିଆଯାଇଥିଲା। ଦୁଇଦିନିଆ ଟୁର୍ନାମେଣ୍ଟରେ ୧୪ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ଜୁନିୟର ଫାଇଟରକୁ ପରାସ୍ତ କରି ବଲାଙ୍ଗୀର ଲାୟନ୍ସ ବିଜୟ ହାସଲ କରିଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ଅମନ ନାଗ, ଗୋପାଳ ପ୍ରଧାନ, ଅନିତା ତ୍ରିପାଠୀ, ଅଭିଷେକ ଦାଶ, ସ୍ୱରୂପା ସିଂ, ମାଧବ ବାରିକ, ବେଣୀମାଧବ ବେଦ୍‌ବାକ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀ, ୟୁଥ ଆକ୍ସନ କମିଟି ସଭାପତି ବିନୋଦ କାଳସାଏ, ବିକାଶ ସା, ଶ୍ରୀପଦା ଷଡଙ୍ଗୀ, ସଞ୍ଜୀବ ସାହୁ, ସୋମନାଥ ମିଶ୍ର, ସନ୍ତୋଷ ପଟ୍ଟନାୟକ ଯୋଗ ଦେଇଥିଲେ।

## ଆମ ପୋଲିସ ସମିତି ବୈଠକ

ସଇଁତଳା, ୨୧।୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ଥାନା ପରିସରରେ ମଙ୍ଗଳବାର ଅପରାହ୍ନ ୧୨ଟା ସମୟରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଅବନୀ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝି, ଏସଆଇ ଶଙ୍କରଲାଲ ମିର୍ଦ୍ଧା, ଏଏସଆଇ ସର୍ବେଶ୍ୱର ସାହୁ, ଥବୀର ମହାରଣା ଯୋଗଦେଇଥିଲେ। ଥାନାଧିକାରୀ ସାହୁ ଅଞ୍ଚଳରେ ଅପରାଧ କମାଇବାକୁ ହେଲେ ଜନସାଧାରଣଙ୍କ ସହଯୋଗ ଜରୁରୀ ବୋଲି କହିଥିଲେ। ସେହିପରି ମାସିକ ପୋଲିସ ସମିତି ବୈଠକ କରିବା, ନିଶା କାରବାର ବନ୍ଦ କରିବା ଦିଗରେ ଠୋସ ପଦକ୍ଷେପ, ଗୁଣ୍ଡା ଦମନ କାର୍ଯ୍ୟକ୍ରମକୁ ଆରମ୍ଭ କରିବା, ପୋଲିସ ପାଟ୍ରୋଲିଂ ଅଧିକ କରିବା ପାଇଁ ଜନସାଧାରଣ ମତ ଦେଇଥିଲେ। ବେଲଗାଁ ଫାଣ୍ଡିରେ ତୁରନ୍ତ ଅଧିକାରୀ ନିଯୁକ୍ତ କରିବାକୁ ବୈଠକରେ ଦାବି ହୋଇଥିଲା। ସେହିଭଳି ସଇଁତଳାରେ ପାଟ୍ରୋଲିଂ ପାଇଁ ଏକ ପିସିଆର ଭ୍ୟାନ ଯୋଗାଇ ଦେବାକୁ ଏସ୍‌ପିଙ୍କୁ ଅବଗତ କରାଇବାକୁ ଥାନାଧିକାରୀ ସାହୁଙ୍କୁ ଲୋକେ ଅନୁରୋଧ କରିଥିଲେ। ବୈଠକରେ ପୂର୍ବତନ ସରପଞ୍ଚ ଭୀମସେନ ସ୍ୱାଇଁ, ଜିଲା ପରିଷଦ ସଦସ୍ୟ ପ୍ରମୋଦ ଭୋଇ, ସଇଁତଳା ସରପଞ୍ଚ, ଜିଲା ପରିଷଦ ସଦସ୍ୟ ହିମାଞ୍ଚଳ ବୁଡେକ, ବିବିନା ସରପଞ୍ଚ ପୁରୁଷୋତ୍ତମ କଲତା, କୁମ୍ଭାରୀ ସରପଞ୍ଚ ଶୈଳେନ୍ଦ୍ରୀ ମହାନନ୍ଦ, କୃଷକ ସଂଘ ସଭାପତି ସତ୍ୟନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଦାବି ଭୂତଳ ପୋଲ, ଓଭର ବ୍ରିଜ ପାଇଁ ସର୍ଭେ

ଲାଠୋର, ୨୧।୨(ଡି.ଏନ.ଏ.)

#### ରେଳ ବିଭାଗ ସର୍ଭେ ପରେ ମୁହଁ ଖୋଲିଲେ ଲାଠୋରବାସୀ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରୋଡ଼ ରେଳ ଫାଟକ ନିକଟରେ ଅଣ୍ଡର ବ୍ରିଜ(ଭୂତଳ ପୋଲ) ଆବଶ୍ୟକତା ହେଉଛି। ହେଲେ ଏଠାରେ ରେଳ ପ୍ରଶାସନ ପକ୍ଷରୁ ଓଭର ବ୍ରିଜ ନିର୍ମାଣ ପାଇଁ ସର୍ଭେ ଆରମ୍ଭ ହୋଇଥିବା ଅଞ୍ଚଳବାସୀ କହିଛନ୍ତି। ଲାଠୋର ଗ୍ରାମ ମଧ୍ୟଭାଗରେ ରେଳ ଫାଟକ ରହିଛି। ରେଳ ଯାତାୟତ ହେତୁ ପ୍ରାୟ ସମୟ ଫାଟକ ବନ୍ଦ ରହୁଛି। ଫଳରେ ଯିବା ଆସିବାରେ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ବିଶେଷ କରି ସରକାରୀ କର୍ମଚାରୀ, ସ୍କୁଲ କଲେଜ ପିଲା ଏବଂ ଆମ୍ବୁଲାନ୍ସ ଏହି ଫାଟକ ଯୋଗୁଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନଜରରେ ରଖି ଦୀର୍ଘଦିନରୁ ଅଞ୍ଚଳବାସୀ ଏଠାରେ ଏକ ବାଏପାସ ରାସ୍ତା କିମ୍ବା ଭୂତଳ ପୋଲ ନିର୍ମାଣ ପାଇଁ ଦାବି କରି ଆସୁଛନ୍ତି। ଏ ନେଇ ଦାବିପତ୍ର ସମ୍ବଲପୁର ଡ଼ିଆରଏମଙ୍କୁ ଦିଆଯାଇଛି। ହେଲେ ରେଳ ପ୍ରଶାସନ ଏଠାରେ ଭୂତୂ ପୋଲ ନିର୍ମାଣ କରିବା ପରିବର୍ତ୍ତେ ଓଭର ବ୍ରିଜ ନିର୍ମାଣ ପାଇଁ ପ୍ରସ୍ତାବ ରଖି ସୋମବାର ସର୍ଭେ କରିଛି। ରେଳ ବିଭାଗ ସହକାରୀ ଯନ୍ତ୍ରୀ ପି.ଗୌଡ଼ ନାଇଡୁ, ସେକ୍ସନ ଯନ୍ତ୍ରୀ ଦୀପକ କୁମାର, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଇନ୍ଦ୍ରଦ୍ୟୁମ୍ନ ନାଏକ, ଅମିନ ସନ୍ତୋଷ ରାଓ ସ୍ଥାନୀୟ ସରପଞ୍ଚ ପ୍ରତିନିଧିଙ୍କ ସହ ଆଲୋଚନା କରିବା ସହ ସର୍ଭେ କରିଥିଲେ। ଓଭରବ୍ରିଜ ନିର୍ମାଣସମୟ ସାପେକ୍ଷ, କିନ୍ତୁ କମ୍ ସମୟ ମଧ୍ୟରେ ଭୂତଳ ପୋଲ ନିର୍ମାଣ ହୋଇ ପାରିବ ବୋଲି ଅଞ୍ଚଳବାସୀ କହିଛନ୍ତି। ତେବେ ରେଳ ପ୍ରଶାସନ ସେମାନଙ୍କ କଥାକୁ ଗୁରୁତ୍ୱ ଦେଇ ସର୍ଭେ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏନେଇ ସେକ୍ସନ ଯନ୍ତ୍ରୀ ଦୀପକ କୁମାରଙ୍କୁ ପଚାରିବାରୁ ହରିଶଙ୍କର ରୋଡ଼ ଫାଟକ ଠାରେ ଓଭର ବ୍ରିଜ ନିର୍ମାଣ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ସର୍ଭେ ହେଉଛି। ତେବେ ଭଲୂତଳ ପୋଲ ପାଇଁ ଅଞ୍ଚଳବାସୀ ଡ଼ିଆରଏମଙ୍କୁ ଲିଖିତ ଭାବେ ତୁରନ୍ତ ଅବଗତ କରାନ୍ତୁ ବୋଲି କହିଥିଲେ।



ରେଳ ବିଭାଗ ଅଧିକାରୀ ଲାଠୋର ରେଳ ଫାଟକ ନିକଟରେ ସର୍ଭେ କରୁଛନ୍ତି।

## ‘ଦାବି ପୂରଣ ନ ହେଲେ ଆନ୍ଦୋଳନ’

ବଲାଙ୍ଗୀର ଅଫିସ, ୨୧।୨

କେନ୍ଦୁପତ୍ର କର୍ମଚାରୀଙ୍କ ସମସ୍ୟା ଅସମାହିତ ରହିଛି। ପ୍ରତିଶ୍ରୁତି ଦେଇ ମଧ୍ୟ ସରକାର ଏହାକୁ ପାଳନ କରି ନାହାନ୍ତି। ଏଣୁ ସେମାନଙ୍କ ଦାବି ଶୀଘ୍ର ପୂରଣ ନ କଲେ ଆଗକୁ ଆନ୍ଦୋଳନ ତୀବ୍ରତର କରାଯିବ। ବଲାଙ୍ଗୀର ଯାଦବ ଭବନଠାରେ ଓଡିଶା କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ମହାସଂଘ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହିଭଳି ଘୋଷଣା କରାଯାଇଛି। ଗତ ପଦ୍ମପୁର ଉପନିର୍ବାଚନ ସମୟରେ ମୁଖମନ୍ତ୍ରୀ ଓଡିଶା କେନ୍ଦୁପତ୍ର କର୍ମଚାରୀମାନଙ୍କୁ ଆଲୋଚନା ପାଇଁ ଡାକିଥିଲେ। ଓଡିଶା କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ମହାସଂଘ ସଭାପତି ପ୍ରଭାତ ମହାନ୍ତିଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା। ତୋଳାଳିଙ୍କ ପାଇଁ ଏକ ହଜାର ଓ କର୍ମଚାରୀଙ୍କ ପାଇଁ ୧୫ଶହ ଟଙ୍କାର ପ୍ରୋତ୍ସାହନ ରାଶି ଏବଂ ମୁନସୀ, ଚପରାଶି, ବାଇଣ୍ଡିଂ ଓ ସର୍କଲ ଚେକରଙ୍କୁ ୬ମାସ କାମ ଏବଂ ବାଇଣ୍ଡିଂ ଚେକର ଓ ସର୍କଲ ଚେକରଙ୍କୁ ୮ମାସ ବଦଳରେ ଏକ ବର୍ଷ ପାଇଁ କାର୍ଯ୍ୟକାଳ ବୃଦ୍ଧି ଦାବି ବିଚାରକରାଯାଇନାହିଁ। ଉପସଭାପତି ଚିତ୍ରସେନ ବରଗଡ଼ି, ସମ୍ପାଦକ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୫ ମାସ ଗଲାନି କଂକ୍ରିଟ ରାସ୍ତା

ଲୋଇସିଂହା,୨୧।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ରେଳଷ୍ଟେଶନକୁ ଆଦର୍ଶ ଷ୍ଟେଶନ ପାଇଁ ବିଭାଗ ଯୋଜନା ରଖିଛି। ଏଥିପାଇଁ ଷ୍ଟେଶନର ବିକାଶ କରିବା ସହ ରାସ୍ତାର ଉନ୍ନତୀକରଣ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି। ଯାତ୍ରୀ ଏବଂ ସ୍ଥାନୀୟ ଅଧିବାସୀଙ୍କ ଯାତାୟାତ ସୁବିଧା ପାଇଁ ରେଳ ଷ୍ଟେଶନ ରାସ୍ତା କଂକ୍ରିଟକରଣ କରାଯାଇଛି। ରାସ୍ତା ନିର୍ମାଣକୁ ୫ ମାସ ଯାଇନାହିଁ। ଏପଟେ ରାସ୍ତାରୁ ସିମେଣ୍ଟ ଉଠି ଗେଟି ଦେଖା ଗଲାଣି। ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥର ହସ୍ପିଟାଲ ଛକରୁ ରେଳ ଷ୍ଟେଶନ ରାସ୍ତା ୪ ଶହ ମିଟର। ଉକ୍ତ ରାସ୍ତାକୁ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କଂକ୍ରିଟକରଣ କରାଯାଇଛି। ୮ ଲକ୍ଷ ୯୩ ହଜାର ଟଙ୍କା ବ୍ୟୟ ଅଟକଳରେ ଉକ୍ତ ରାସ୍ତା ନିର୍ମାଣ କରାଯାଇଛି। ନିର୍ମାଣକୁ ୫ ମାସ ବିତି ନାହିଁ। ରାସ୍ତା ଶୋଚନୀୟ ହୋଇ ଗଲାଣି। ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାମ ଚାଲିଥିବାରୁ ନିମ୍ନମାନର ହେଉଥିବା ନେଇ ଅଭିଯୋଗ ହୋଇଥିଲା। ହେଲେ ସେତେବେଳେ ଏଥିପ୍ରତି ବିଭାଗ ଦୃଷ୍ଟି ଦେଇ ନ ଥିଲା। କିଛିବର୍ଷ ପୂର୍ବରୁ ମଧ୍ୟ ବିଭାଗ ପକ୍ଷରୁ ରାସ୍ତା କାମ କରାଯାଇଥିଲା। ସେତେବେଳେ ମଧ୍ୟ କାମରେ ଅନିୟମିତତା ନେଇ ଜଣେ ବ୍ୟକ୍ତି ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଥିଲେ। ଅନିୟମିତତା ଜଣାପଡିବା ପରେ ଠିକାଦାରଙ୍କ ବିରୋଧରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଏ ସମ୍ପର୍କରେ ସ୍ଥାନୀୟ ସହକାରୀ ଯନ୍ତ୍ରୀ ଗଜେନ୍ଦ୍ର କୁମାର ପଧାନଙ୍କୁ ପଚାରିବାରୁ କ୍ଷେତ୍ରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛି, ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ଭାଷା ବିଲୁପ୍ତୀକରଣ ସରକାରୀ ଷଡ଼ଯନ୍ତ୍ର

ବଲାଙ୍ଗୀର ଅଫିସ, ୨୧।୨



ଆଲୋଚନାଚକ୍ରରେ ଯୋଗଦେଇଥିବା ଆଲୋଚକ, ଅତିଥି।

#### ବଲାଙ୍ଗୀରରେ ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ

ଭାଷାଭିତ୍ତିକ ଓଡିଶା ପ୍ରଦେଶ ଗଠନ ହୋଇଥିଲା। ଏଠାରେ ଓଡିଶାର ସବୁ ଭାଷାକୁ ଉଚିତ୍ ମାନ୍ୟତା ଦିଆଯିବା କଥା। ମାତ୍ର ଗତ ୭୫ ବର୍ଷରୁ ଉର୍ଦ୍ଧ୍ୱ କାଳ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଉପକୂଳ ଓଡିଶାକୁ ଛାଡି ଅନ୍ୟ ପ୍ରାନ୍ତୀୟ ଅଞ୍ଚଳର ଭାଷା ଓ ଲୋକଙ୍କୁ ଅବହେଳା ଜାରି ରଖିଛନ୍ତି। ପଶ୍ଚିମ ଓଡିଶାର ପ୍ରାୟ ୨ କୋଟିରୁ ଉର୍ଦ୍ଧ୍ୱ ଲୋକ କହୁଥିବା କୋଶଲୀ ଭାଷାକୁ ଯେଭଳି ଭାବେ ଅବହେଳା କରାଯାଉଛି ତାହା କାହାକୁ ଅଛପା ନୁହେଁ। ବାରମ୍ବାର ଦାବି ପରେ ମଧ କୋଶଲୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦିଆଯାଉନାହିଁ। ବରଂ ଭାଷା କିଭଳି ବିଲୁପ୍ତ ହୋଇଯିବ ସେ ପ୍ରଚେଷ୍ଟା ଜାରି ରଖିଛନ୍ତି। ଏହା ଏକ ସାଂଘାତିକ ଷଡଯନ୍ତ୍ର ବୋଲି ଆଜି ଆନ୍ତର୍ଜାତିକ ମାତୃଭାଷା ଦିବସରେ ବକ୍ତାମାନେ କହିଛନ୍ତି। କୋଶଲୀ ଭାଷା ଓ ସଂସ୍କୃତି ସୁରକ୍ଷା ଦିଗରେ ଆଗାମୀ ଦିନରେ ଜୋରଦାର ଲଢ଼େଇ କରାଯିବ ବୋଲି ଅତିଥିବକ୍ତାମାନେ କହିଥିଲେ।

ସ୍ଥାନୀୟ ଯାଦବ ଭବନଠାରେ ତହଁକ୍ ସାହିତ୍ୟ କୁଟୁମ ପକ୍ଷରୁ ଆନ୍ତର୍ଜାତିକ ମାତୃଭାଷା ଦିବସ ଅବସରରେ ପ୍ରାଥମିକ ଶିକ୍ଷାରେ ମାତୃଭାଷା ଶୀର୍ଷକ ଆଲୋଚନାଚକ୍ରଅନୁଷ୍ଠିତ ହୋଇଥିଲା। କବି ଗୋପୀନାଥ ଦଣ୍ଡସେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ କୋଶଲୀ ଗବେଷକ ରାମଭକ୍ତ ଫରିକାର ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ବୀରେନ୍ଦ୍ର କୁମାର ଝାଙ୍କର ଓ ସମ୍ମାନିତ ଅତିଥିଭାବେ କବି ମଧୁସୂଦନ ନାୟକ ଯୋଗଦାନ କରିଥିଲେ। ତହଁକ୍ ପରିବାରର ଯୁବକବି ଅର୍ଜୁନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଫରିକାର ଭାଷା ସୁରକ୍ଷା ପାଇଁ ରକ୍ତ ଦେବାକୁ ପଡେ ଓ ଯେଉଁଦିନ ଆମ ଅଞ୍ଚଳର ଲୋକେ ରକ୍ତ ଦେବାକୁ ପ୍ରସ୍ତୁତ ହୋଇଯିବେ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ମିଳିଯିବ ବୋଲି କହିଥିଲେ। ମୁଖ୍ୟବକ୍ତା ଝାଙ୍କର ଭାଷା ସୁରକ୍ଷା ଦିଗରେ ସରକାରୀ ନୀତିକୁ ସମାଲୋଚନା କରିଥିଲେ। ପ୍ରାଥମିକ ଶିକ୍ଷାରେ କୋଶଲୀ ଭାଷାର ପ୍ରଚଳନ ଏବଂ ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଭାଷାର ଆବଶ୍ୟକତା ପ୍ରସଙ୍ଗରେ କହିଥିଲେ। ସମ୍ମାନିତ ଅତିଥି ନାୟକ ତାଙ୍କ ବକ୍ତବ୍ୟରେ ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ସାହିତ୍ୟ ଓ ସଂସ୍କୃତି ପ୍ରସଙ୍ଗରେ ପଶ୍ଚିମ ଓଡିଶା ଏବଂ କୋଶଲୀ ଭାଷାକୁ କିଭଳି ଜାଣି ଶୁଣି ଅବହେଳା କରାଗଲା କହିଥିଲେ। ଏହି ଆଲୋଚନାଚକ୍ରରେ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମୁକେଶ ବହିଦାର, ବିଷ୍ଣୁ କଲ୍ୟାଣ ଗଡତ୍ୟା, ଅରୁଣ ମିଶ୍ର, ଗବେଷିକା ସୀମାରାଣୀ ରଥ, ଗୀତିକାର କପିଳେଶ୍ୱର ଖମାରୀ, ଉଦଘୋଷିକା ମାନସୀ ସାହୁ, ଧର୍ମେନ୍ଦ୍ର ପଧାନ୍, ସୋନାଲି ପାଢ଼ୀ, କବି ଉମେଶ ବିଶ୍ୱାଳ, ରଶ୍ମି ପାତ୍ର, ଆଡଭୋକେଟ୍ ଶୁଭ୍ରାଂଶୁ ଶେଖର ପଣ୍ଡା ଯୋଗଦେଇ କୋଶଲୀ ଭାଷା ସୁରକ୍ଷା ଉପରେ ନିଜସ୍ୱ ମତ ରଖିଥିଲେ।

## ସଂକ୍ଷେପରେ

### ବିଧୁ ଭୂଷଣ ତ୍ରିପାଠୀ ଏଆଇସିସି ସଦସ୍ୟ ନିର୍ବାଚିତ

**ବଲାଙ୍ଗୀର ଅଫିସ,୨୧।୨:** ବଲାଙ୍ଗୀରର ବରିଷ୍ଠ କଂଗ୍ରେସ ନେତା ତଥା ସୁନ୍ଦରଗଡରେ ଦଳୀୟ ପର୍ଯ୍ୟବେକ୍ଷକ ଥିବା ବିଧୁଭୂଷଣ ତ୍ରିପାଠୀ ଏଆଇଆଇସିସି ସଦସ୍ୟ ମନୋନୀତ ହୋଇଛନ୍ତି। ତ୍ରିପାଠୀ ଛାତ୍ର ଜୀବନରୁ କଂଗ୍ରେସ ଦଳ ସହ ସଂଶ୍ଳିଷ୍ଟ ହୋଇଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସଭାପତି ନିର୍ବାଚିତ ହୋଇ ରାଜ୍ୟ ଛାତ୍ର କଂଗ୍ରେସ ପ୍ରବକ୍ତା, ବଲାଙ୍ଗୀର ଜିଲା ଯୁବ କଂଗ୍ରେସ ସଭାପତି, ପିସିସି ସମ୍ପାଦକ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ସଭପତି, ପିସିସି ସଭ୍ୟ ରହିବା ସହ ଦେଶର ବିଭିନ୍ନ ରାଜ୍ୟରେ ଯୁବ କଂଗ୍ରେସ ନିର୍ବାଚନ ଅଧିକାରୀଭାବେ କାର୍ଯ୍ୟ କରିଛନ୍ତି। ଏଆଇସିସି ସଭ୍ୟ ମନୋନୀତ ହୋଇଥିବାରୁ ସଭାପତି ମାଲିକର୍ଜୁନ ଖର୍ଗେ, ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ତ୍ରିପାଠୀ ବିଧୁଭୂଷଣ ଧନ୍ୟବାଦ ଜଣାଇଛନ୍ତି।



### ଗୋହତ୍ୟା ବନ୍ଦ ଦାବିରେ ବାଇକ୍ ଶୋଭାଯାତ୍ରା

**କଣ୍ଟାବାଞ୍ଜି,୨୧।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଟାଲିପଡା ନିକଟ ସତନାମୀ ପଡା ଅଞ୍ଚଳରେ ଗୋହତ୍ୟା ବନ୍ଦ କରିବା ଦାବିରେ ମଙ୍ଗଳବାର ହିନ୍ଦୁ କେଶରିଆ ବାହିନୀ ଓ ରାମସେନା ପକ୍ଷରୁ ଏକ ବାଇକ ଶୋଭାଯାତ୍ରା କରାଯାଇଥିଲା। ରାଲିରେ ଧର୍ମାନନ୍ଦ ଯୁଏଡ, ତୀର୍ଥ ସିଂ ଠାକୁର, ଯୁଗଳ ଖଣ୍ଡେଲୱାଲ, ବଜରଙ୍ଗ ସୋନି, ଦେବରାଜ ଯାଦବ ପ୍ରମୁଖ ସାମିଲ ହୋଇଥିଲେ ।କଣ୍ଟାବାଞ୍ଜି ୱାର୍ଡ ନଂ. ୧୫ ରେଲବାଇ ଟାଲିପଡା ନିକଟ ସତନାମୀ ପଡାରେ ରବିବାର ଏକ ଟେମ୍ପୁ ବୋଝେଇ ଗୋମାଂସ ଜବତ କରାଯାଇଥିଲା । ରାମସେନା କାର୍ଯ୍ୟକର୍ତ୍ତାଙ୍କଠାରୁ ଖବର ପାଇ ପୋଲିସ ଏହି ଚଢାଉ କରି ଜବତ ମାଂସକୁ ପୋତି ଦେଇଥିଲା।

### ପରୀକ୍ଷା ବେଳେ ବୋରିଂ ଖୋଳାକୁ ନେଇ ଅସନ୍ତୋଷ

**ଲୋଇସିଂହା,୨୧।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବୋରିଂ ମଙ୍ଗଳବାର ଖୋଳାଯାଇଛି। ବିଦ୍ୟାଳୟର ନବମ ଶ୍ରେଣୀ ସମ୍ମିଟିଭ ପରୀକ୍ଷା ଚାଲିଥିବାବେଳେ ବୋରିଂ ଖୋଳା ଚାଲିଥିବାରୁ ପରିକ୍ଷାର୍ଥୀମାନେ ପ୍ରଭାବିତ ହୋଇଥିଲେ । ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଫେବୃୟାରୀ ୨୦ରୁ ୨୬ ଯାଏ ନବମ ଶ୍ରେଣୀ ସମ୍ମିଟିଭ ୨ ପରୀକ୍ଷା ହେଉଛି। ପୂର୍ବାହ୍ନ ୧୦ ରୁ ମଧ୍ୟାହ୍ନ ୧୨ଟା ଯାଏ ପରୀକ୍ଷା ହେଉଛି। ମଙ୍ଗଳବାର ପରୀକ୍ଷାର ଦ୍ୱିତୀୟ ଦିବସରେ ଓଡିଆ ବିଷୟ ଥିଲା। ଏହି ସମୟ ମଧ୍ୟରେ ବୋରିଂ ଖୋଳା ଗାଡିକୁ ସ୍କୁଲ ଗେଟ ଆଗରେ ରଖି ବୋରିଂ ଖୋଳା ଚାଲିଥିଲା। ସ୍କୁଲ ଗେଟରୁ ପରୀକ୍ଷା ହଲର ଦୂରତା ମାତ୍ର ୩୦ ରୁ ୪୦ ମିଟର ହେବ । ପରୀକ୍ଷା ଆରମ୍ଭରୁ ଶେଷ ଯାଏ ବୋରିଂ ମେଶିନର ଘଡଘଡ ଶବ୍ଦରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇଥିଲେ। ପରୀକ୍ଷା ସମୟ ସାରିଣୀ ବେଳେ ସ୍କୁଲ ପରିସରରେ ବୋରିଂ ଖୋଳିବା ଜାଣି କେତେକ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ୟାସଦେବ ରାଏଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିଲା। ୧୨ଟା ୯ ମିନିଟରେ ବୋରିଂ ଖୋଲି ସାରିବା ପରେ ମେଶିନ ବନ୍ଦ କଲାବେଳକୁ ପରୀକ୍ଷା ସରି ସାରିଥିଲା ।

# ମଣ୍ଡିରୁ ଧାନ ଉଠୁନି, ରାଜପଥ ଅବରୋଧ

**ବାଉଁଶୁଣୀ,୨୧।୨(ଡି.ଏନ.ଏ.)**

ବୌଦ୍ଧ ଜିଲା ବାଉଁଶୁଣୀ ମଣ୍ଡିରୁ ଧାନ ନ ଉଠିବା ପ୍ରତିବାଦରେ ମଙ୍ଗଳବାର ଚାଷୀଙ୍କ ପକ୍ଷରୁ ବାଉଁଶୁଣୀ ଛକଠାରେ ବୌଦ୍ଧ-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ଖୋଲା ଆକାଶ ତଳେ ପଡି ରହିଛି। ପ୍ରାୟ ୩୦ ଖଣ୍ଡ ଗ୍ରାମର ଚାଷୀ ଏହି ମଣ୍ଡିରେ ଧାନ ବିକ୍ରି କରିଥାନ୍ତି । କିନ୍ତୁ ମିଲରର ମନମାନୀ ଯୋଗୁ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖାଲି ସେତିକି ନୁହେଁ କୁଇଣ୍ଟାଲ ପିଛା ୩ରୁ ୫ କେଜି ପର୍ଯ୍ୟନ୍ତ କଟ୍‌ନୀ ଛଟ୍‌ନୀ କରୁଥିବା ଚାଷୀ ଅଭିଯୋଗ କରିଛନ୍ତି । ଚଳିତ ମାସ ୨ତାରିଖରୁ ଆଜି ପର୍ଯ୍ୟନ୍ତ ମଣ୍ଡିରେ ଧାନ ପଡି ରହିଛି । ଫଳରେ ଚାଷୀ କ୍ଷତି ସହୁଛି । ଏହାର ପ୍ରତିବାଦରେ ଅଞ୍ଚଳର ଶତାଧିକ ଚାଷୀ ରାସ୍ତା ଅବରୋଧ କରିଥିଲେ । ରାସ୍ତା ଅବରୋଧ ଅପରାହ୍ନ ୩ ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ହୋଇଥିଲା। ଏଥିଯୋଗୁ ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ମୋଟର ଅଟକି ରହିଥିଲା । ଘଟଣାସ୍ଥଳରେ ବାଉଁଶୁଣୀ ପୋଲିସ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲେ । କିନ୍ତୁ ଜିଲା ଯୋଗାଣ ଅଧିକାରୀ କିମ୍ବା ଜିଲାପାଳ ନ ଆସିବା ପର୍ଯ୍ୟନ୍ତ ରାସ୍ତାରୋକୋରୁ ହଟିବୁ ନାହିଁ ବୋଲି ଚାଷୀ ଅଡି ବସିଥିଲେ। ବାଉଁଶୁଣୀ ଥାନା ଅଧିକାରୀ ଅରୁଣ ସିଂଙ୍କ ଉପସ୍ଥିତିରେ ଯୋଗାଣ ନିରୀକ୍ଷକ ବିପିନ ବିହାରୀ ମହାପାତ୍ର, ବାଉଁଶୁଣୀ ରାଜସ୍ୱ ନିରୀକ୍ଷକ ସୁଜିତ କୁମାର ସାହୁ ଚାଷୀଙ୍କ ସହିତ ଆଲୋଚନା କରି ଧାନ ଉଠିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରି ଯାଇଥିଲେ।



ଚାଷୀମାନେ ରାସ୍ତାରୋକୋ କରିଛନ୍ତି ।

## ବିପୁଳ ମଦ ଜବତ, ଜଣେ ଗିରଫ



ଜବତ ମଦ ସହିତ ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି ।

**ସରଣ୍ଡା/ଅତାବିରା,୨୧।୨**

ବରଗଡ଼ ଜିଲା ଅତାବିରା ଥାନା ପୋଲିସ ଦଶାଡ଼ି ବ୍ରିଜ କେନାଲ ରାସ୍ତାରେ ବିପୁଳ ବିଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ବିହାର ରାଜ୍ୟ ରୋହଟସ ଜିଲା ନାସିରଗଞ୍ଜ ଥାନା ଅମିଆୱାର ଗ୍ରାମର ମୂଳ ବାସିନ୍ଦା ତଥା ବର୍ତ୍ତମାନ ଅତାବିରା ବସଷ୍ଟାଣ୍ଡ ପାଖରେ ରହୁଥିବା ସଞ୍ଜୟ କୁମାର(୪୭)। ତାଙ୍କ ପାଖରୁ ୧୨୫.୭ ଲିଟର ବିଦେଶୀ ମଦ ଜବତ ହୋଇଛି । ସେଥିରେ ବିଭିନ୍ନ ପ୍ରକାର ବିଦେଶୀ ମଦ ରହିଛି । ଏହା ସହିତ ମଦ ବୋଝେଇ ହୋଇଥିବା ଏକ ବୋଲେରୋ (ନଂ.ଓଡ଼ି୦୫କେ/୪୨୪୩)କୁ ମଧ୍ୟ ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ତାଙ୍କ ବିରୋଧରେ ଅତାବିରା ଥାନାରେ ଏକ ମାମଲା (ନଂ.୬୯/୨୩) ରୁଜୁ ହୋଇଛି।

# ଜୁଏଲର୍ସରେ ଜିଏସ୍‌ଟି ଚଢ଼ାଉ



ସୋନପୁର ଚନ୍ଦ୍ରିକା ଜୁଏଲର୍ସରେ ଜିଏସ୍‌ଟି ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରୁଛନ୍ତି।

**ସୋନପୁର,୨୧।୨(ନି.ପ୍ର.)**

ସୁବର୍ଣ୍ଣପୁର ସହର ଜୟଗୁରୁ ମାର୍କେଟ୍‌ରେ ଥିବା ଚନ୍ଦ୍ରିକା ଜୁଏଲର୍ସରେ ମଙ୍ଗଳବାର ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ବିଭାଗ ପକ୍ଷରୁ ଚଢାଉ ହୋଇଛି। ଟିକସ ଫାଙ୍କିବା ଅଭିଯୋଗରେ ବଲାଙ୍ଗୀର ଜିଏସ୍‌ଟି ଡେପୁଟି କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ଚଢାଉ ହୋଇଥିଲା । ଜିଏସ୍‌ଟି ଅଫିସରଙ୍କ ୨ଟି ଟିମ୍ ଇଣ୍ଡିଆନ ରିଜର୍ଭ ବାଟାଲିଆନ ଓ ସ୍ଥାନୀୟ ପୋଲିସ ସହାୟତାରେ ଚନ୍ଦ୍ରିକା ଜୁଏଲର୍ସ ଶୋରୁମ୍ ଓ ଜୁଏଲର୍ସ ମାଲିକଙ୍କ କଳାପଥରସ୍ଥିତ ବାସଭବନରେ ଏକକାଳୀନ ଚଢାଉ କରିଥିଲେ। ଜୁଏଲର୍ସର ବ୍ୟବସାୟ ଅନୁଯାୟୀ ସରକାରଙ୍କୁ ଟିକସ ପୈଠ ହୋଇଛି କି ନାହିଁ ଜାଣିବା ପାଇଁ ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରିଛନ୍ତି। ତେବେ ଚଢାଉ ସମୟରେ ଜୁଏଲର୍ସର ମାଲିକ ଓ ମ୍ୟାନେଜର କୌଣସି କାରଣରୁ ଅନୁପସ୍ଥିତ ଥିଲେ। ଜୁଏଲର୍ସର କର୍ମଚାରୀମାନେ ଆବଶ୍ୟକ କାଗଜପତ୍ର ଦେଖାଇ ପାରିନାହାନ୍ତି। ଏହି ଯାଞ୍ଚ ଜାରି ରହିଛି। ଯାଞ୍ଚ ସମ୍ପୂର୍ଣ୍ଣ ହେଲେ ଟିକସ ଫାଙ୍କି ସମ୍ପର୍କରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ଜିଏସ୍‌ଟି ଅଧିକାରୀ ସୂଚନା ଦେଇଛନ୍ତି। ଏହି ଚଢାଉରେ ବଲାଙ୍ଗୀର ଏନଫୋର୍ସମେଣ୍ଟ ୟୁନିଟ୍‌ର ଡେପୁଟି କମିଶନର କିଶୋର ଚନ୍ଦ୍ର ମେହେର, ସିଟିଓ ରାଜେନ୍ଦ୍ର କୁମାର ନାୟକ, ଆଡିସନାଲ ଜିଏସ୍‌ଟି ଅଫିସର ଜିତେନ୍ଦ୍ରୀୟ ବାଗ, ସରୋଜ ବେରିହା, ଶରତ ସେଠ୍ ଓ କ୍ଷୀରୋଦ ମାଝି ପ୍ରମୁଖ ସାମିଲ ଥିଲେ।

## ଗଞ୍ଜେଇ ଚାଲାଣ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ,୨୧।୨(ସ୍ୱ.ପ୍ର.)**

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଅଳ୍ପନା ସ୍ୱାଇଁ ମଙ୍ଗଳବାର ଦିନ ଏକ ଗଞ୍ଜେଇ ଚାଲାଣ ମାମଲାର ବିଚାର କରି ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରଛନ୍ତି ।
ମାମଲାରୁ ପ୍ରକାଶ ଯେ, ବୌଦ୍ଧ ଥାନା ଗୋଛାପଡା ଗ୍ରାମରେ ବିପୁଳ ପରିମାଣର ଗଞ୍ଜେଇ ଥିବା ନେଇ ସ୍ପେଶାଲ ଟାକ୍ସ ଫୋର୍ସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗତ ୨୭।୦୭।୨୦୧୪ ତାରିଖ ସକାଳୁ ଗୋଛାପଡା ଗ୍ରାମର ବିଜୟ ବାଘଙ୍କ ଘର ଉପରେ ଚଢାଉ କରି ତାଙ୍କ ଘରୁ ୧୩ ବସ୍ତା ଗଞ୍ଜେଇ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ । ଜବତ ଗଞ୍ଜେଇକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯିବାରୁ ତାହା ୨୦୩ କେଜି ହୋଇଥିଲା । ସ୍ପେଶାଲ ଟାକ୍ସଫୋର୍ସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। ଏହି ମାମଲା ପରବର୍ତ୍ତୀ ସମୟରେ ସ୍ପେଶାଲ କେଶ ନମ୍ବର ୩/୧୫ରେ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ବିଚାର ହୋଇଥିଲା । ବିଚାର ସମୟରେ ୧୪ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ପ୍ରମାଣ ଅଭାବରୁ ଅଦାଲତ ଅଭିଯୁକ୍ତ ବିଜୟ ବାଘଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଅଭିଯୁକ୍ତଙ୍କ ପକ୍ଷରୁ ଏହି ମାମଲା ବରିଷ୍ଠ ଓକିଲ ଅଶୋକ ମିଶ୍ର ପରିଚାଳନା କରୁଥିଲେ ।

## ୫ ଶିଶୁଙ୍କୁ ଉନ୍ନତ ଚିକିତ୍ସା ପାଇଁ କଟକ ପଠାଗଲା



ରୋଗୀଙ୍କୁ କଟକ ପଠାଯିବା ବେଳେ ଜିଲାପାଳ ଓ ଅନ୍ୟମାନେ ।

**ବୌଦ୍ଧ,୨୧।୨(ସ୍ୱ.ପ୍ର.)**

ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ୫ ଜଣ ଶିଶୁଙ୍କୁ ଉନ୍ନତ ଚିକିତ୍ସା ପାଇଁ ଜିଲା ପ୍ରଶାସନ ପକ୍ଷରୁ କଟକ ଶିଶୁଭବନକୁ ପଠାଯାଇଛି। ଜିଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ନିର୍ଦ୍ଦେଶକ୍ରମେ ଏହି ଶିଶୁମାନଙ୍କୁ ପଠାଯାଇଥିବା ଜଣାଯାଇଛି । ମଙ୍ଗଳବାର ପ୍ରତ୍ୟୁଷରେ ଜିଲାପାଳ ମୁଖ୍ୟ ଚିକିତ୍ସାଳୟ ପରିସରରେ ପହଞ୍ଚି ଉକ୍ତ ଶିଶୁମାନଙ୍କୁ ପଠାଇବାର ବ୍ୟବସ୍ଥା କରାଇଥିଲେ। ୫ ଜଣ ଶିଶୁଙ୍କ ମଧ୍ୟରୁ ୪ ଜଣଙ୍କୁ ଶିଶୁଭବନ ପଠାଯାଇଥିବା ବେଳେ ଜଣକୁ ଏସ୍‌ସ ଚିକିତ୍ସାଳୟକୁ ପଠାଯାଇଥିବା ଜଣାଯାଇଛି।

# ପ୍ରଭାଗୀୟ ଶ୍ରମ ଆୟୁକ୍ତ ହେଲେ ଜିଲା ଶ୍ରମ ଅଧିକାରୀ

**ସୋନପୁର,୨୧।୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖାଙ୍କୁ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଭାବରେ ରାଜ୍ୟ ସରକାର ପଦୋନ୍ନତି ଦେଇଛନ୍ତି। ଖାଖାଙ୍କୁ ପଦୋନ୍ନତି ସହିତ ପୂର୍ବଭଳି ସୁବର୍ଣ୍ଣପୁରରେ ଅବସ୍ଥାପିତ କରାଯାଇଛି। ଶ୍ରମ କାର୍ଯ୍ୟାଳୟର କର୍ମଚାରୀ ଓ ଜିଲାରେ କାର୍ଯ୍ୟରତ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ତାଙ୍କୁ ମଙ୍ଗଳବାର ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କ ଗ୍ରାଚ୍ୟୁଇଟି ପ୍ରାପ୍ୟ ଓ କର୍ମଚାରୀ କ୍ଷତିପୂରଣ ମାମଲା ପାଇଁ ପୂର୍ବରୁ ସମ୍ବଲପୁର ଓ ଏବେ ବଲାଙ୍ଗୀର ଆଞ୍ଚଳିକ ଶ୍ରମ ଆୟୁକ୍ତଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା । ଏବେ କର୍ମଚାରୀ କ୍ଷତିପୂରଣ ସମ୍ପର୍କିତ ମାମଲା ଏଠାରେ ବିଚାର କରାଯାଇ ଫଏସଲା କରାଯିବ । ଏହା ସହିତ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଖାଖା ଶ୍ରମିକ ଓ କର୍ମଚାରୀ ସମ୍ପର୍କିତ ସମସ୍ତ ବିଷୟ ପରିଚାଳନା ସହ କାର୍ଯ୍ୟାନ୍ୱୟନର ସମୀକ୍ଷା କରି ପାରିବେ। ଅନ୍ୟପକ୍ଷେରେ ବର୍ତ୍ତମାନ ଜିଲାରେ ଶ୍ରମ ଅଧିକାରୀ ପଦବୀ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବି ଖାଲି ରହିଛି। ଫଳରେ ଶ୍ରମ ବିଭାଗ ପକ୍ଷରୁ ଅଣସଂଗଠିତ ବୋର୍ଡ ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ କାର୍ଯ୍ୟ ସମ୍ପାଦନାରେ ଅସୁବିଧା ହେଉଛି। ସେହିଭଳି ଜିଲାରେ ଶ୍ରମ ବିଭାଗର ନିଜସ୍ୱ କୋଠା ନାହିଁ। ଏ ଦିଗରେ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ତେବେ ଜିଲାର ସଂଗଠିତ ଓ ଅସଂଗଠିତ ଶ୍ରମିକ ମାନେ ଯେପରି ସରକାରୀ ଯୋଜନାରୁ ସୁଫଳ ପାଇବେ ଏବଂ ଦାଦନ ଶ୍ରମିକ ସମସ୍ୟାର ସମାଧାନ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବା ସହ ଶ୍ରମିକଙ୍କ କଲ୍ୟାଣ ପାଇଁ ଚେଷ୍ଟା ଜାରି ରଖିବେ ବୋଲି ଶ୍ରୀ ଖାଖା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଜିଲା ଶ୍ରମିକ ସଂଗଠନ ସମନ୍ୱୟ ସମିତିର ସଭାପତି ଗୋବିନ୍ଦ ମହାରଣା, ସଭ୍ୟ ରୁନୁ ସେଠୀ, ସୂର୍ଯ୍ୟକାନ୍ତ ରାଉଳ ଓ ଅର୍ଜୁନ ବାଦିଙ୍କ ସମେତ ବିଭିନ୍ନ ଟ୍ରେଡ୍ ୟୁନିୟନର କର୍ମକର୍ତ୍ତା ମଙ୍ଗଳବାର ଖାଖାଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଛନ୍ତି।



ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କୁ ଟ୍ରେଡ୍ ୟୁନିୟନର କର୍ମକର୍ତ୍ତା ଶୁଭେଚ୍ଛା ଜଣାଉଛନ୍ତି।

## ଜିଲାପାଳଙ୍କ ଜନଶୁଣାଣି ଶିବିର

**ବେଲପଡା, ୨୧।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଧୁଙ୍ଗିଆମୁଣ୍ଡାରେ ପଞ୍ଚାୟତସ୍ତରୀୟ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚଞ୍ଚଳ ରାଣା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ଏସ୍‌ପି ନୀତିନ କୁଶଳକର, ପାଟଣାଗଡ ଉପଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ବିଡ଼ିଓ ଭିକ୍ଟର ସୋରେନ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ । ମୋଟ ୯୭ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ୮ଟି ଅଭିଯୋଗର ତତ୍କାଳ ଶୁଣାଣି କରାଯାଇଥିଲା।

## ନିରବଚ୍ଛିନ୍ନ ପାନୀୟ ଜଳଯୋଗାଣକୁ ଗୁରୁତ୍ୱ



ବୈଠକରେ ଉପସ୍ଥିତ ସରପଞ୍ଚ ଓ ଅନ୍ୟମାନେ।

**ତରଭା, ୨୧।୨(ଡି.ଏନ.ଏ.)**

**ସରଗଜ ଗ୍ରାମ ପଞ୍ଚାୟତ ବୈଠକ**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ସରଗଜ ପଞ୍ଚାୟତର ବୈଠକ ସରପଞ୍ଚ ନର୍ମଦା ମିଶ୍ରଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ଯେପରି ପାନୀୟ ଜଳର ଅଭାବ ନ ହୁଏ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମସ୍ତ ନଳକୂପ ମରାମତି, ଜଳ ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ ରହିବା ପ୍ରତି ବିଶେଷ ଧ୍ୟାନ ଦେବାକୁ ପଞ୍ଚାୟତର ସମସ୍ତ ଏସଇଏମ ଏବଂ ପମ୍ପ ଅପରେଟରମାନଙ୍କୁ କୁହାଯାଇଥଇଲା। ଗ୍ରାମ ଯେପରି ସ୍ୱଚ୍ଛ, ସଫାସୁତୁରା ରହିବ ସେଥିସକାଶେ ବୈଠକରେ ଉପସ୍ଥିତ ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଏବଂ ୱାର୍ଡସଭ୍ୟମାନେ ଗାଁ କଲ୍ୟାଣ ସମିତି ପାଣ୍ଠି ବିନିଯୋଗ ପ୍ରତି ଧ୍ୟାନ ଦେବା ଉପରେ ଆଲୋଚନା କରାଯାଇଥିଲା। ଅସହାୟ ଏବଂ ଭିନ୍ନକ୍ଷମଙ୍କ ଭତ୍ତା ପ୍ରଦାନରେ ଥିବା ଅସୁବିଧାର ସମାଧାନ କରାଯିବ ବୋଲି ସରପଞ୍ଚ ମିଶ୍ର କହିଥିଲେ। ବୈଠକରେ ନାଏବ ସରପଞ୍ଚ ଦୀପକ ମିଶ୍ର, ୱାର୍ଡ ସଭ୍ୟାସଭ୍ୟ, ଅଙ୍ଗନବାଡି କର୍ମୀ, ଆଶା ଏବଂ ଜଳ ଯୋଗାଣ ବ୍ୟବସ୍ଥାରେ ଥିବା କର୍ମଚାରୀ ଯୋଗ ଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ସୈରାତ ଖାନ ସମସ୍ତ ଆଲୋଚନାକୁ ଲିପିବଦ୍ଧ କରି କାର୍ଯ୍ୟକାରୀ କରିବାକୁ ମତପ୍ରକାଶ କରିଥିଲେ ।

# ବ୍ୟାଡ୍‌ମିଣ୍ଟନ: ବଲାଙ୍ଗୀର ଚାମ୍ପିୟନ

**ପାଇକମାଳ,୨୧।୨(ଡି.ଏନ.ଏ.)**

ପାଇକମାଳ ବ୍ଲକ ଅନ୍ତର୍ଗତ ପଲସଦା ଗ୍ରାମରେ ଦିବାରାତ୍ର ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପଲସଦା ୟଙ୍ଗଷ୍ଟାର ବ୍ୟାଡମିଣ୍ଟନ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଏହି ମ୍ୟାଚ୍‌ରେ ପଲସଦା ସରପଞ୍ଚ ପଙ୍କଜ କୁମାର ସାହୁ ମୁଖ୍ୟ ଅତିଥି, ମହେନ୍ଦ୍ର ସିଂ ବରିହା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାଚ୍‌ରେ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ବଲାଙ୍ଗୀରର ଚିଣ୍ଟୁ ଓ ତାଙ୍କ ସାଥୀ ଏବଂ ପଦ୍ମପୁରର ଅପ୍ପୁ ଓ ତାଙ୍କ ସାଥୀଙ୍କ ମଧ୍ୟରେ ହୋଇଥିଲା। ବଲାଙ୍ଗୀର ଦଳ ୨-୧ ସେଟରେ ପଦ୍ମପୁର ଦଳକୁ ପରାସ୍ତ କରିଥିଲା। ଫାଇନାଲ ମ୍ୟାଚ୍‌ର ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ନଗଦ ରାଶି ପ୍ରଦାନ କରାଯାଇଥିଲା। ତୀର୍ଥ ପାଣ୍ଡେ, ରିଙ୍କୁ ସାହୁ ମ୍ୟାଚ୍ ରେଫରୀ, ଶତ୍ରୁଘ୍ନ ଧୀବର ସ୍କୋରର ଓ ପାର୍ଥ ପାଣ୍ଡେ, ଗୁଡୁ ରଣା ଧାରା ବିବାରଣୀ ପ୍ରଦାନ କରିଥିଲେ। ଶେଷରେ ପିତାମ୍ବର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



କ୍ରୀଡା ଖେଳାଳିଙ୍କୁ ପୁରସ୍କୃତ କରାଯାଇଛି।

# ଯୋଗାଣ ବିଭାଗ ଚଢ଼ାଉ: ୩ ଗ୍ୟାସ୍ ସିଲିଣ୍ଡର ଜବତ

**ହୋଟେଲ, ରେଷ୍ଟୁରାଣ୍ଟରେ ବ୍ୟବହାର ହେଉଛି ଘରୋଇ ଇନ୍ଧନ ଗ୍ୟାସ୍**

**ସୋନପୁର,୨୧।୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ହୋଟେଲ, ରେଷ୍ଟୁରାଣ୍ଟ ଗୁଡିକ ବେଆଇନ ଭାବେ ସରକାରଙ୍କ ସବ୍‌ସିଡି ଯୁକ୍ତ ଘରୋଇ ଇନ୍ଧନ ଗ୍ୟାସ ବ୍ୟବହାର କରୁଛନ୍ତି। ମାତ୍ର ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଫଳରେ ଏଭଳି କାରବାର ବୃଦ୍ଧି ପାଇବାରେ ଲାଗିଛି। ତେବେ ଅଭିଯୋଗ ଆଧାରରେ ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ପରାମର୍ଶରେ ସୋନପୁର ଉପଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶନୀ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଜିଲା ଯୋଗାଣ ବିଭାଗ ପକ୍ଷରୁ ସୋନପୁର ସହରର ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରେ ଚଢାଉ ହୋଇଥିଲା। ସଦର ସହକାରୀ ଯୋଗାଣ ଅଧିକାରୀ ତ୍ରିନାଥ ଭୋଇଙ୍କ ନେତୃତ୍ୱରେ ହୋଇଥିବା ଚଢାଉରେ ବ୍ଲକ ଛକ ସ୍ଥିତ ହୋଟେଲ ପ୍ରୋଗେସଇନରୁ ୩ଟି ୧୪.୨ କିଲୋ ବିଶିଷ୍ଟ ଘରୋଇ ଇନ୍ଧନ ଗ୍ୟାସ ସିଲିଣ୍ଡର ଜବତ ହୋଇଛି। ଏ ସମ୍ପର୍କରେ ହୋଟେଲ ମାଲିକଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି। ଜିଲାରେ ଶିଳ୍ପାନୁଷ୍ଠାନ ପାଇଁ ଉଦ୍ଦିଷ୍ଟ ଅଣସବ୍‌ସିଡିଯୁକ୍ତ ଗ୍ୟାସ ସିଲିଣ୍ଡର କମ୍ ବ୍ୟବହାର ହେଉଥିବା ବେଳେ ଚଢାଉକୁ ଜୋରଦାର କରିବାକୁ ଦାବି ହେଉଛି। ଏହି ଚଢାଉରେ ମ୍ୟୁନିସିପାଲିଟି ସହକାରୀ ଯୋଗାଣ ଅଧିକାରୀ ପ୍ରଣତି ପୃଷ୍ଟି, ସୋନପୁର ଯୋଗାଣ ଅଧିକାରୀ ଦେବାଶିଷ ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ହୋଟେଲ ମାଲିକଙ୍କ ବିରୋଧରେ ଜିଲାପାଳଙ୍କୁ ରିପୋର୍ଟ କରାଯିବ ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଯୋଗାଣ ବିଭାଗର ଅଧିକାରୀ ମାନେ ହୋଟେଲରେ ଯାଞ୍ଚ କରୁଛନ୍ତି।

## ସଂକ୍ଷେପରେ

### ଭିମ୍‌ସାର୍ ନିର୍ଦ୍ଦେଶକ ନିଯୁକ୍ତି ପାଇଁ ଚୟନ କମିଟି ଗଠିତ

**ଭୁବନେଶ୍ୱର,୨୧।୨(ବ୍ୟୁରୋ):** ସମ୍ବଲପୁର ଭିମ୍‌ସାର୍‌ର ନିର୍ଦ୍ଦେଶକ ନିଯୁକ୍ତି ପାଇଁ ଏକ ୫ଜଣିଆ ଚୟନ କମିଟି ଗଠନ କରାଯାଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କମିଟିର ଅଧ୍ୟକ୍ଷ ଥିବା ବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଲିନୀ ପଣ୍ଡିତ ସଂଯୋଜକ ରହିଛନ୍ତି। ସେହିପରି ଭୁବନେଶ୍ୱର ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଦସ୍ୟ ରହିଥିବା ବେଳେ କିମ୍ସ ପ୍ରୋ-ଚାନ୍‌ସେଲର ପ୍ରଫେସର ଡା. ସୁବ୍ରତ ଆଚାର୍ଯ୍ୟ ଏବଂ ଭୁବନେଶ୍ୱର ଏମ୍ସର ପୂର୍ବତନ ନିର୍ଦ୍ଦେଶକ ତଥା ସୋଆ କୁଳପତି ପ୍ରଫେସର ଡା. ଅଶୋକ ମହାପାତ୍ର ବିଶେଷଜ୍ଞ ସଦସ୍ୟ ଭାବେ ରହିଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

### ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଯୁବକ ମୃତ

**ଜମନକିରା,୨୧।୨(ଡି.ଏନ.ଏ.):** ବିଦ୍ୟୁତ୍ ଖୁଣ୍ଟରୁ ପଡି ଗୁରୁତର ହୋଇଥିବା ଜଣେ ଯୁବକଙ୍କୁ ବୁର୍ଲା ଡାକ୍ତରଖାନା ନିଆଯିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବରଗଡ ଜିଲା ମେଲଛାମୁଣ୍ଡା ଗ୍ରାମର ଏମ. ଚୌହାନ (୩୦)। ସେ ଦେବଗଡ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମକୁ ଚାଉଳ କଳ ଲଗାଇବା ପାଇଁ ଆସିଥିଲେ। ଏହି ସମୟରେ ବିଦ୍ୟୁତ୍ ଖୁଣ୍ଟରେ ଚଢି କାମ କରୁଥିବା ବେଳେ ଖସି ପଡିଥିଲେ। ଗ୍ରାମବାସୀ ତାଙ୍କୁ ଦେବଗଡ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ବୁର୍ଲା ନେବା ପାଇଁ କହିଥିଲେ। ଆମ୍ବୁଲାନ୍ସରେ ନିଆଯିବା ବେଳେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରି ଜମନକିରା ବ୍ଲକ ଫାଶିମାଲ ଡ଼ାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ପୋଲିସକୁ ଖବର ଦେଇଥିଲେ। ରାତି ହୋଇଯାଇଥିବା ଯୋଗୁ ବୁଧବାର ବ୍ୟବଚ୍ଛେଦ ହେବ ବୋଲି ଡ଼ାକ୍ତରଖାନା ସୂତ୍ରରୁ ପ୍ରକାଶ। ପରିବାର ଲୋକେ ଫାଶିମାଲ ଡାକ୍ତରଖାନାରେ ପହଞ୍ଚିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ କରାଯାଇ ନ ଥିବା ଜଣାଯାଇଛି।

### ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି

**ନାକଟିଦେଉଳ,୨୧।୨(ଡ଼ି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଗୋଗୁଆ ଗ୍ରା.ପ. କାର୍ଯ୍ୟାଳୟ ପରିସରରେ ସୋମବାର ଦିନ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମୁଦାୟ ୩୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସମସ୍ତ ଅଭିଯୋଗ ବ୍ୟକ୍ତିଗତ ରହିଥିଲା। ଆବାସ ଯୋଜନା, ରାଶନ କାର୍ଡ଼,ଭତ୍ତା ଆଦି ସଂପର୍କରେ ସର୍ବାଧିକ ଅଭିଯୋଗ ଦାଖଲ ହୋଇଥିଲା। ନାକଟିଦେଉଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିବେକାନନ୍ଦ ସାହୁ ଏବଂ ତହସିଲଦାର ସୁକାନ୍ତ କୁମାର ନାଏକ ଶିବିରରେ ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଡଇଁଚା, ଗୋଗୁଆ,ଶିମିଲିପାଲ ଏବଂ ଘୋଷରାମାଲ ପଞ୍ଚାୟତର ଜନସାଧାରଣ ଯୋଗଦେଇ ନିଜ ନିଜର ଅଭିଯୋଗ ପ୍ରଶାସନ ନିକଟରେ ଦାଖଲ କରିଥିଲେ। ଏହି ଅବସରରେ ପ୍ରଶାସନ ପକ୍ଷରୁ ୫ଟି ମହିଳା ସ୍ୱଂୟ ସହାୟକ ଗୋଷ୍ଠୀକୁ ୨୦ ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ପ୍ରଦାନ କରାଯାଇଥିଲା। ଶିବିରରେ ଗୋଗୁଆ ସରପଞ୍ଚ ଧନେଶ୍ୱର ପ୍ରଧାନ, ଡଇଁଚା ସରପଞ୍ଚ ସୌଦାମିନୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ଲାଇନ ବିଭାଗର ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କନଷ୍ଟେବଲଙ୍କୁ ସୁରକ୍ଷା ଦେଉଛି ପୋଲିସ ବିଭାଗ

**ସମ୍ବଲପୁର,୨୧।୨(ବ୍ୟୁରୋ)**

**ଥାନାରେ ତୁମୂଳକାଣ୍ଡ ଘଟାଇବା ପରେ ମଧ୍ୟ ରୁଜୁ ହେଉନି ମାମଲା**
- ସିସି ଟିଭି ଯାଞ୍ଚ ହେଲେ ଧରାପଡ଼ିବ ସତ୍ୟତା
- ତଦନ୍ତ ପାଇଁ ବରିଷ୍ଠ ଅଧିକାରୀ ନିୟୋଜିତ: ଏସ୍‌ପି

ପୁଣି ବିବାଦ ଘେରକୁ ଆସିଛି ଝାରସୁଗୁଡା ଜିଲା ପୋଲିସ। ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ବ୍ରଜରାଜନଗର ଗାନ୍ଧୀଛକ ଫାଣ୍ଡି ଏଏସ୍‌ଆଇ ଗୋପାଳ ଦାସ ହତ୍ୟା କରିବା ଘଟଣାରେ ପୋଲିସର ଅବହେଳା ଏବଂ ଗୋଇନ୍ଦା ବିଭାଗର ବିଫଳତା ପଦାରେ ପଡ଼ିଥିଲା। ଉକ୍ତ ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିବା ଏବେ ଆଉ ଏକ ଘଟଣାରେ ପୋଲିସର କାର୍ଯ୍ୟକଳାପ ସନ୍ଦେହ ଘେରକୁ ଆସିଛି। ନିକଟରେ ଝାରସୁଗୁଡ଼ା ଜିଲା କୋଲାବିରା ଥାନା ପରିସରରେ କାର୍ଯ୍ୟରତ କନଷ୍ଟେବଲ ସରୋଜ ଦାସ କରିଥିବା ତୁମୂଳକାଣ୍ଡକୁ ଲୁଚାଇବାକୁ ଚେଷ୍ଟା କରିଥିଲେ ହେ ବିଫଳ ହୋଇଛି। କନଷ୍ଟେବଲ ସରୋଜ ସୁଯୋଗ ମିଳିଲେ ବ୍ରଜରାଜନଗରର ଜଣେ ପୂର୍ବତନ ବିଧାୟକଙ୍କୁ ଗୁଳି କରି ହତ୍ୟା କରିଦେବେ ବୋଲି ଧମକ ଦେଇଥିଲେ। ଘଟଣା ସମୟରେ ସରୋଜଙ୍କ ନିକଟରେ ଉପସ୍ଥିତ ପୋଲିସ କର୍ମଚାରୀ ତାଙ୍କୁ ପ୍ରଥମେ ବୁଝାଶୁଝା କରିଥିଲେ। ପରେ ଥାନା ଅଧିକାରୀ ସୁକୁମାର ତ୍ରିପାଠୀ ଏସ୍‌ପି ଏସ୍.ପର୍‌ମାରଙ୍କ ନିକଟରେ ଅଭିଯୋଗ କରିବା ପରେ ସମ୍ପୃକ୍ତ କନଷ୍ଟେବଲଙ୍କୁ କାବୁ କରାଯାଇଥିଲା। ଏପରି କି ଏହି ଘଟଣା ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ପାଖରେ ମଧ୍ୟ ପହଞ୍ଚି ଥିଲା। ଏପରି କି କନଷ୍ଟେବଲଙ୍କ ହାତରୁ ଏକ ବନ୍ଧୁକ ଜବତ କରାଯିବା ଆଲୋଚନା ହୋଇଥିଲା। ହେଲେ ଏତେ ସବୁ ଘଟଣା ଘଟିଥିଲେ ହେଁ, ପୋଲିସ ମାମଲାକୁ ଚପାଇ ଦେବାକୁ ଉଦ୍ୟମ କରି ମାମଲା ମଧ୍ୟ ରୁଜୁ କରିଲା ନାହିଁ।

ଏସମ୍ପର୍କରେ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏସ୍‌ପି ପରମାର ଘଟଣାକୁ ସ୍ୱୀକାର କରିବା ସହ ଜଣେ ଅତିରିକ୍ତ ଏସ୍‌ପି ପାହ୍ୟାର ଅଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ପୋଲିସ କନଷ୍ଟେବଲଙ୍କ ବିରୋଧରେ ଆଉ ଜଣେ ପୋଲିସ ଅଧିକାରୀ କିଭଳି ରିପୋର୍ଟ ଦେବେ ଓ ତାଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେନେଇ ଏବେ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଜଣେ ସାଧାରଣ ଲୋକ ଗାଳିଗୁଲଜ କିମ୍ବା ଅସାମାଜିକ କାର୍ଯ୍ୟ କଲେ ପୋଲିସ ସଙ୍ଗେ ସଙ୍ଗେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଏପରି କି ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରୁଛି। ହେଲେ କନଷ୍ଟେବଲଙ୍କ ପକ୍ଷରେ ବିଭିନ୍ନ ବାହାନା କରି ସୁରକ୍ଷା ଦେବାରେ ପୋଲିସ ପୁରା ଲାଗିପଡ଼ିଥିବା କୁହାଯାଉଛି। ଘଟଣା ଉପରେ ଏପର୍ଯ୍ୟନ୍ତ ଆଇନଗତ କିମ୍ବା ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। କୋଲାବିରା ଥାନା ଭିତରେ ଓ ଚତୁଃପାର୍ଶ୍ୱରେ ସିସି ଟିଭି ଲାଗିଛି। ଘଟଣା ଦିନର ସିସି ଟିଭି ଯାଞ୍ଚ କରିଲେ ସତ କଥା ବାହାରକୁ ଆସିଯିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଘଟଣାରେ ଏସ୍‌ପି ପର୍‌ମାର କହିଛନ୍ତି ଯେ, ଘଟଣାକୁ ନେଇ ଜଣେ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି । ସମସ୍ତ ଦିଗକୁ ନେଇ ତଦନ୍ତ କରାଯିବ। ସିସି ଟିଭି ମଧ୍ୟ ଯାଞ୍ଚ କରାଯିବ। ରିପୋର୍ଟ ହସ୍ତଗତ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରୋଜ ଥାନାରେ ବିଶୃଙ୍ଖଳ ଆଚରଣ କରୁଥିବା ନେଇ ଅଭିଯୋଗ ହେବା ପରେ କିଛି ଦିନ ପୂର୍ବରୁ ଜିଲା ପୋଲିସ ମୁଖ୍ୟାଳୟରେ ତାଙ୍କୁ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଯଦି ପ୍ରମାଣ ମିଳେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି। ସୂଚନାଯୋଗ୍ୟ, ବ୍ରଜରାଜନଗରର ପୂର୍ବତନ ବିଧାୟକ ଭାବେ ଏବେ ଅନୁପ ସାଏ ଓ ରାଧାରାଣୀ ପଣ୍ଡା ଅଛନ୍ତି। ରାଧାରାଣୀ ଉକ୍ତ କନଷ୍ଟେବଲଙ୍କୁ ଜାଣି ନ ଥିବା ଓ କାହା ସାଥୀରେ ତାଙ୍କ ଶତ୍ରୁତା ନ ଥିବା କହିଥିଲେ। ଅନ୍ୟପଟେ କଳ୍ପନା ଦାସ ଓ ତାଙ୍କ ଝିଅଙ୍କ ହତ୍ୟା ଘଟଣାରେ ପୂର୍ବତନ ବିଧାୟକ ସାଏ ଅଭିଯୁକ୍ତ। ତେଣୁ କାହା ଉଦ୍ଦେଶ୍ୟରେ କନଷ୍ଟେବଲ କହିଛନ୍ତି ଓ କାହିଁକି ହତ୍ୟା ଧମକ ଦେଲେ ସେନେଇ ତଦନ୍ତ କରାଯାଇ କାରଣ ବାହାର କରିବାକୁ ସାଧାରଣରେ ଦାବି ହେଉଛି।

# ଜନଜାତି ଶିକ୍ଷା ସାଧନ କେନ୍ଦ୍ର ଲୋକାର୍ପିତ



ଜନଜାତି ଶିକ୍ଷା ସାଧନା କେନ୍ଦ୍ର ଲୋକାର୍ପିତ କରାଯାଉଛି।

**ସମ୍ବଲପୁର,୨୧।୨(ବ୍ୟୁରୋ)**

ଆନ୍ତର୍ଜାତିକ ମାତୃଭାଷା ଦିବସ ଉପଲକ୍ଷେ ଜନଜାତି ଶିକ୍ଷା ସାଧନା କେନ୍ଦ୍ର ମଙ୍ଗଳବାର ସମ୍ବଲପୁର ଜିଲା ଶିକ୍ଷା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଲୋକାର୍ପିତ ହୋଇଯାଇଛି। ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଯୋଗଦେଇ ଆନୁଷ୍ଠାନିକ ଭାବେ କେନ୍ଦ୍ରର ଶୁଭାରମ୍ଭ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଡିଆଇଇଟି ଅଧ୍ୟକ୍ଷ ଡ. ରବି ନାରାୟଣ ବଘାର, ଆଦିବାସୀ ଓ ହରିଜନ ଜିଲା ସଂଯୋଜିକା ଅନୁପମା ମହାପାତ୍ର, ଅରୁଣ ଦାଶ, ଅବିନାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଜନଜାତି ଶିକ୍ଷା ସାଧନା କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ବିଷୟରେ ଜ୍ଞାନ ଆହରଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଓଡିଶାର ୧୩ଟି ଆଦିମ ଜନଜାତି ସମେତ ୨୨ ପ୍ରକାରର ଆଦିବାସୀ ଲୁପ୍ତପ୍ରାୟ କଳା, ସଂସ୍କୃତି ପରମ୍ପରା ପ୍ରଭୃତିକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଆଗାମୀ ପୀଢିଙ୍କୁ ସେମାନଙ୍କ ଜୀବନଚର୍ଯ୍ୟା ବିଷୟରେ ବିଶଦ ଧାରଣା ଦେବା ଏହି କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ ରହିଛି ।

# ଅଭିଯୁକ୍ତଙ୍କ ଉଚ୍ଚତର ମାନସିକ ସ୍ୱାସ୍ଥ୍ୟ ଯାଞ୍ଚ ଦ୍ୱନ୍ଦ୍ୱ ବଢ଼ିଲା

**କଟକ ଅଫିସ,୨୧।୨**

**ନବ ଦାସ ହତ୍ୟା ମାମଲା**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ଅଭିଯୁକ୍ତ ଗୋପାଳ ଦାସଙ୍କ ଉଚ୍ଚତର ମାନସିକ ସ୍ୱାସ୍ଥ୍ୟ ପରୀକ୍ଷାକୁ ନେଇ କ୍ରାଇମବ୍ରାଞ୍ଚ ଦ୍ୱନ୍ଦ୍ୱରେ ପଡ଼ିଛି। ସ୍ୱତନ୍ତ୍ର ମେଡିକାଲ ବୋର୍ଡ ଗୋପାଳଙ୍କୁ ମାନସିକ ରୋଗୀ ଭାବେ ରିପୋର୍ଟ ପ୍ରଦାନ କରିବା ସହ ଉଚ୍ଚତର ପରୀକ୍ଷା ପରେ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚି ହେବ ବୋଲି ମଧ୍ୟ ରିପୋର୍ଟରେ ଦର୍ଶାଇଥିଲା। ଏହି ଆଧାରରେ ବାଙ୍ଗାଲୋରସ୍ଥିତ ନିମହାନ୍ସଠାରେ ଅଭିଯୁକ୍ତଙ୍କ ମାନସିକ ପରୀକ୍ଷା ପାଇଁ ଅନୁମତି ଦେବାକୁ ଝାରସୁଗୁଡ଼ା ଜେଏମ୍‌ଏଫ୍‌ସି-୧ରେ କ୍ରାଇମବ୍ରାଞ୍ଚ କରିଥିଲା। ହେଲେ ଉକ୍ତ ଆବେଦନକୁ କୋର୍ଟ ଖାରଜ କରିବା ପରେ କ୍ରାଇମ୍‌ବ୍ରାଞ୍ଚ ଏବେ ଦ୍ୱନ୍ଦ୍ୱରେ ପଡ଼ିଛି। ଜେଏମ୍‌ଏଫ୍‌ସି କୋର୍ଟଙ୍କ ଆଦେଶର ସାର୍ଟିଫାଏଡ୍ ନକଲ ହସ୍ତଗତ ହେବା ପରେ ଗୋପାଳଙ୍କ ମାନସିକ ସ୍ୱାସ୍ଥ୍ୟର ଉଚ୍ଚତର ପରୀକ୍ଷା ନିମନ୍ତେ ଉପର ଅଦାଲତରେ ଆବେଦନ କରାଯିବ ବୋଲି ସୋମବାର କ୍ରାଇମବ୍ରାଞ୍ଚ ସୂଚନା ଦେଇଥିବାବେଳେ ମଙ୍ଗଳବାର ଏ ସମ୍ପର୍କରେ ନିରବତା ଅବଲମ୍ବନ କରିଛି। କ୍ରାଇମବ୍ରାଞ୍ଚର ଏଭଳି ନିରବତା ଅନେକ ପ୍ରଶ୍ନ ସୃଷ୍ଟି କରୁଛି। କୌଣସି ଚାପରେ କ୍ରାଇମ୍‌ବ୍ରାଞ୍ଚ କିଛି ସୂଚନା ଦେଉ ନ ଥିବା ଆଲୋଚନା ହେଉଛି।

ଅନ୍ୟପକ୍ଷରେ ଗୋପାଳଙ୍କ ସ୍ତ୍ରୀ ତଦନ୍ତର ପ୍ରାଥମିକ ଅବସ୍ଥାରୁ ତାଙ୍କ ସ୍ୱାମୀ ମାନସିକ ରୋଗୀ ବୋଲି କହିଆସୁଥିଲେ। ଏପରି କି ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମେଡିକାଲ ବୋର୍ଡ ମଧ୍ୟ ଗୋପାଳଙ୍କୁ ମାନସିକ ରୋଗୀ ବୋଲି ରିପୋର୍ଟ ଦେଲେଣି। ତେବେ ଦୀର୍ଘ ବର୍ଷ ଧରି ଗୋପାଳ ମାନସିକ ରୋଗୀ ହୋଇଥିଲେ ବି ପୋଲିସ ବିଭାଗ କିପରି ଏହାକୁ ଜାଣିପାରିଲେ ନାହିଁ ଏବଂ ପୋଲିସର ଦସ୍ତାବିଜ୍‌ରେ ଏ ସମ୍ପର୍କିତ ରେକର୍ଡ କିପରି ନାହିଁ ତାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳିସ୍ଥିତିରେ ନବ ଦାସ ହତ୍ୟା ସମ୍ପର୍କିତ ତଦନ୍ତ କେଉଁ ଆଡ଼କୁ ଯିବ ତାହାକୁ ନେଇ ଉତ୍କଣ୍ଠା ପ୍ରକାଶ ପାଇଲାଣି। ତେବେ ପୋଲିସ ବିଭାଗରେ କାର୍ଯ୍ୟରତ ଜଣେ ମାନସିକ ରୋଗୀଙ୍କ ପାଇଁ ରାଜ୍ୟର ଜଣେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜୀବନହାନୀ ହେଲା। ଏଥିପାଇଁ ପୋଲିସ ବିଭାଗ କ'ଣ ଦାୟୀ ନୁହେଁ କି ବୋଲି ପ୍ରଶ୍ନ ଉଠିଲାଣି। ଗୋପାଳଙ୍କ ମାନସିକ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପରିବାର ଲୋକ କ'ଣ ବିଭାଗକୁ ଜଣାଇଥିଲେ କି ନାହିଁ ତାହା ମଧ୍ୟ ତଦନ୍ତ ସାପେକ୍ଷ। ଜଣେ ମାନସିକ ରୋଗରେ ପୀଡ଼ିତ ପୋଲିସ ଅଧିକାରୀଙ୍କୁ ବନ୍ଧୁକ ଇସ୍ୟୁ କରି ପୋଲିସ ପରୋକ୍ଷରେ ଏହି ହତ୍ୟା ମାମଲାରେ ସାମିଲ ବୋଲି ସାଧାରଣରେ ମତପ୍ରକାଶ ପାଇଲାଣି। ସବୁପରେ ଏହି ହାଇପ୍ରୋଫାଇଲ ହତ୍ୟାକାଣ୍ଡର ତଦନ୍ତ କେଉଁ ଆଡ଼କୁ ଗତି କରୁଛି ତାହା ଉପରେ ରାଜ୍ୟବାସୀଙ୍କ ନଜର ରହିଛି।

## ଧନ୍ଦାମୂଳକ ଶିକ୍ଷାର ବ୍ୟବହାରିକ ଦକ୍ଷତା ପରୀକ୍ଷା

**ନାକଟିଦେଉଳ,୨୧।୨(ଡ଼ି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଡ଼ଇଁଚା ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଦିନ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଧନ୍ଦାମୂଳକ ଶିକ୍ଷାର ବ୍ୟବହାରିକ ଦକ୍ଷତା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ସମୁଦାୟ ୭୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଧନ୍ଦାମୂଳକ ଶିକ୍ଷାର ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଷୟରେ ୩୦ଜଣ ଏବଂ ଖୁଚୁରା ବ୍ୟବସାୟରେ ୪୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଝାଡ଼ଖଣ୍ଡ ରାଜ୍ୟର ଏନଏସଡ଼ିସି କମ୍ପାନୀର ରାଜକୁମାର ଠାକୁର ଯୋଗ ଦେଇଥିଲେ। ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପରୀକ୍ଷାକୁ ଶିକ୍ଷୟିତ୍ରୀ ରେନୁକା ସାହୁ ଏବଂ ଖୁଚୁରା ବ୍ୟବସାୟ ପରୀକ୍ଷାକୁ ଶିକ୍ଷକ ତାପସ କୁମାର ପାଢୀ ପରିଚାଳନା କରିଥିଲେ। ଧନ୍ଦାମୂଳକ ଶିକ୍ଷାର ଭାରପ୍ରାପ୍ତ ବରିଷ୍ଠ ଶିକ୍ଷକ ହଳଧର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା। ଏହି ଅବସରରେ ପରୀକ୍ଷାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ର ନିଜ ନିଜର ପ୍ରକଳ୍ପ ପ୍ରଦର୍ଶନ ସହ ପରୀକ୍ଷକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ପ୍ରକାଶଥାଉ କି, ଡଇଁଚା ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟରେ ଗତ ୨୦୧୬ ମସିହା ଡ଼ିସେମ୍ବର ୧ତାରିଖ ଠାରୁ ଧନ୍ଦାମୂଳକ ଶିକ୍ଷାର ପ୍ରଚଳନ କରାଯାଇଛି।

# ଜଙ୍ଗଲରେ ନିଆଁ ନ ଲଗାଇବାକୁ ଜନସଚେତନତା ସଭା, ଶୋଭାଯାତ୍ରା



ଜନସଚେତନତା ଶୋଭାଯାତ୍ରା।

**ଜମନକିରା,୨୧।୨(ଡି.ଏନ.ଏ.)**

ଜଙ୍ଗଲ ଓ ପରିବେଶ ବିଭାଗ, ଜମନକିରା ରେଞ୍ଜ ପକ୍ଷରୁ ଜମନକିରା ଗ୍ରାମ ପଞ୍ଚାୟତର ଖଇରଡିହି ଗ୍ରାମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଓ ସାମାଜିକ କର୍ମୀଙ୍କୁ ନେଇ ଜଙ୍ଗଲରେ ନିଆଁ ନ ଲଗାଇବାକୁ ଜନ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ତଥା ସାମାଜିକ କର୍ମୀ ସୁବାସ ଚନ୍ଦ୍ର ନାୟକ ଓ ବିଭାଗୀୟ ରେଞ୍ଜର ଲକ୍ଷ୍ମୀ ନାରାୟଣ ନାଏକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଶୋଭାଯାତ୍ରାକୁ ସ୍ଥାନୀୟ ୱାର୍ଡ ସଭ୍ୟ ତଥା ଗ୍ରାମ୍ୟ କମିଟି ସଭାପତି କ୍ଷୀରୋଦ ଦେହୁରୀ, ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ବିନ୍ଧାଣି, ବନପାଳ ସୁନୀତା ନାଏକ, ବନରକ୍ଷୀ ଜୟନ୍ତୀ ରାମଜନ, ଦଳପତି ସନ୍ତୋଷ ସାମଲ, ଶିଖା ଦେହୁରୀ ପ୍ରମୁଖ ପରିଚାଳନା କରିଥିଲେ। ଏହାପରେ ଗାଁ ମୁଣ୍ଡରେ ରେଞ୍ଜର ନାଏକଙ୍କ ସଭାପତିତ୍ୱରେ ଜନସଚେତନତା ସଭା ହୋଇଥିଲା । ଏଥିରେ ସାମାଜିକ କର୍ମୀ ନାୟକ ଜଙ୍ଗଲ କ୍ଷୟ ଯୋଗୁ ବିଭିନ୍ନ ସମସ୍ୟା ହେଉଥିବାରୁ ନିଆଁ ଲଗାଇବାରୁ ବିରତ ରହିବା, ଜଙ୍ଗଲରେ ନିଆଁ ଲାଗିଲେ ସାଧାରଣ ଜନତା ନିଆଁ ଲିଭାଇବା ଦିଗରେ ସହଯୋଗ କରିବା ନେଇ କହିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ମାତୃଶକ୍ତି, ମା' ବିରଜା, କରମା, ବିଶ୍ୱ ଶକ୍ତି, ମା' ବୈଷ୍ଣବୀ, ଆଦିଶକ୍ତି ଆଦି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଗ୍ରାମବାସୀ ଓ ଛାତ୍ରୀଛାତ୍ର ପ୍ରମୁଖ ସାମିଲ ହୋଇଥିଲେ। ଅନୁରୂପ ଭାବେ ଅନ୍ୟ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କତରକେଳା ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ସଭା ଶେଷରେ ସହକାରୀ ଶିକ୍ଷକ ରେବତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷଜମି ସମସ୍ୟା ନେଇ ଜିଲାପାଳଙ୍କ ଦ୍ୱାରସ୍ଥ

**ସମ୍ବଲପୁର,୨୧।୨(ବ୍ୟୁରୋ)**

ମାନେଶ୍ୱର ବ୍ଲକ ହୋତାପାଲ ଗ୍ରାମବାସୀ ଚାଷ ଜମି ସମସ୍ୟା ନେଇ ମଙ୍ଗଳବାର ସମ୍ବଲପୁର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଚାଷଜମି ସମସ୍ୟା ନେଇ ପ୍ରଶାସନ ନିକଟରେ ଅଭିଯୋଗ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ହୋତାପାଲ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ପ୍ରାୟ ୧୦୦ ବର୍ଷ ହେବ ସେମାନେ ଏଠାରେ ରହି ଚାଷ କରି ଜୀବିକା ନିର୍ବାହ କରି ଆସୁଛନ୍ତି। ତେବେ ଧମା ସମବାୟ ସୋସାଇଟିର ଏହି ଜମି ଥିବାରୁ ସୋସାଇଟି ପକ୍ଷରୁ ଏକ ପ୍ରକଳ୍ପ ପାଇଁ ଏଠାରେ ଜମି ମାପ କରାଯାଉଛି। ଏଣୁ ଗ୍ରାମବାସୀ ସେମାନଙ୍କୁ ଏଠାରେ ଚାଷ କରିବା ପାଇଁ ଆଗକୁ ସମସ୍ୟା ହେବା ଆଶଙ୍କା କରୁଛନ୍ତି। ତାଙ୍କୁ ଜମିରେ ଚାଷ କରିବା ପାଇଁ ଅନୁମତି ସହ ଏହାର ଦଖଲ ସେମାନଙ୍କ ନାମରେ କରିବାକୁ ଦାବି କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି।



ଚାଷ ଜମି ସମସ୍ୟା ନେଇ ମଙ୍ଗଳବାର ସମ୍ବଲପୁର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ମାତୃଭାଷା ସୁରକ୍ଷାରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସମ୍ବଲପୁର,୨୧।୨(ବ୍ୟୁରୋ)**

ଆନ୍ତର୍ଜାତିକ ମାତୃଭାଷା ଦିବସ ମଙ୍ଗଳବାର ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡ. ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ପ୍ରଫେସର ଜିତେନ କୁମାର ମିଶ୍ର, ଡ.ଉମାଶଙ୍କର ଦାଶ, ଅଖିଳ ବିଶ୍ୱାଳ, ନୌବିହାରୀ ପ୍ରଧାନ ମାତୃଭାଷାର ଉନ୍ନତି ଓ ବ୍ୟବହାରିକ ଦିଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିସହ ମାତୃଭାଷା ଓ ସଂସ୍କୃତିର ସୁରକ୍ଷାରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ରଞ୍ଜିତା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାରେ ଶତାଧିକ ଛାତ୍ରୀ, କର୍ମଚାରୀ, ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଥିଲେ ।

# ଓବିସି ଅତ୍ୟାଚାର ନିବାରଣ ଆଇନ ପ୍ରଣୟନ ଦାବି

**ସମ୍ବଲପୁର,୨୧।୨(ବ୍ୟୁରୋ)**

**ଓବିସି ମହିଳା ପୋଲିସ ଆଇଆଇସିଙ୍କୁ ଚାପୁଡା ମାରିବା ଘଟଣାକୁ ନିନ୍ଦା**

ଓଡିଶାରେ ଓବିସିଙ୍କ ଦୁର୍ଦ୍ଦଶା ଅକଥନୀୟ। ସଂପ୍ରତି ଚାଷୀ, ଦିନ ମଜୁରିଆ, କୌଳିକ ବୃତ୍ତିଧାରୀ ବ୍ୟବସାୟୀ, ସରକାରୀ ଚାକିରିଆ, ପୋଲିସ ଅଧିକାରୀ ସମସ୍ତେ ଅସୁରକ୍ଷିତ ମନେ କରୁଛନ୍ତି। ଓଡିଶା ସରକାର ଓବିସିଙ୍କୁ ସମାନୁପାତିକ ସଂରକ୍ଷଣ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ସରକାର ସୁରକ୍ଷା ଦେବାରେ ମଧ୍ୟ ବିଫଳ ହୋଇଛନ୍ତି। ଓବିସିଙ୍କ ସାମାଜିକ ସୁରକ୍ଷା ପାଇଁ ଓବିସି ଅତ୍ୟାଚାର ନିବାରଣ ଆଇନ ପ୍ରଣୟନ କରାଯାଉ ନାହିଁ। ତେଣୁ ଓଡିଶାରେ ଓବିସି ଅତ୍ୟାଚାର ନିବାରଣ ଆଇନ ପ୍ରଣୟନ କରିବାକୁ ଦାବି ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ରାଜ୍ୟ ଓବିସି ମଞ୍ଚ ମଙ୍ଗଳବାର ଉତ୍ତରାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ ଡ.ଦୀପକ କୁମାରଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଗତ ୧୫ ତାରିଖ ଦିନ ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟରତ ଧନୁପାଲି ଥାନା ମହିଳା ଆଇଆଇସି ଅନିତା ପ୍ରଧାନଙ୍କୁ ବିରୋଧୀ ଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ଚାପୁଡ଼ା ମାରି ଦୁର୍ବ୍ୟବହାର କରିବା ଘଟଣାକୁ ମଧ୍ୟ ରାଜ୍ୟ ଓବିସି ମଞ୍ଚ ତୀବ୍ର ନିନ୍ଦା କରିଛି। ଏହିସହ ଜୟନାରାୟଣଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ପ୍ରତିନିଧି ଦଳରେ ରାଜ୍ୟ ଓବିସି ମଞ୍ଚ ସଭାପତି ଶଙ୍କର କୁମାର ପାତ୍ର, ଜିଲା ଆବାହକ ସରୋଜ ସାହୁ, ଡ. ଉତ୍ତମ କୁମାର ପ୍ରଧାନ, ସୁଧାଂଶୁ ଶେଖର ମହାରଣା, ଭବାନୀ ଶଙ୍କର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ରାଜ୍ୟ ଓବିସି ମଞ୍ଚ ମଙ୍ଗଳବାର ଉତ୍ତରାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ ଡ.ଦୀପକ କୁମାରଙ୍କୁ ସ୍ମାରକ ପତ୍ର ପ୍ରଦାନ କରୁଛନ୍ତି।

# ୨୮୦ ଅସ୍ଥାୟୀ ସିଏଲଆର କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରି ଦିଅ

**ସମ୍ବଲପୁର,୨୧।୨(ବ୍ୟୁରୋ)**

ସମ୍ବଲପୁର ଜନସ୍ୱାସ୍ଥ୍ୟ ଖଣ୍ଡ ଅଞ୍ଚଳରେ କାର୍ଯ୍ୟରତ ୨୮୦ଜଣ ଅସ୍ଥାୟୀ ସିଏଲଆର କର୍ମଚାରୀମାନଙ୍କୁ ସର୍ବନିମ୍ନ ମଜୁରି ଦିଆଯାଉନାହିଁ। ସେମାନେ ଖରା,ବର୍ଷା ଓ ଶୀତକୁ ଖାତିର ନ କରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛନ୍ତି। ଅସ୍ଥାୟୀ କର୍ମଚାରୀମାନଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ କରିବାକୁ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ପକ୍ଷରୁ ଦାବି କରାଯାଇଛି । ମଙ୍ଗଳବାର ଏନେଇ ସଂଘ କର୍ମକର୍ତ୍ତା ଓ ସଭ୍ୟମାନେ ସମ୍ବଲପୁରସ୍ଥିତ ଶ୍ରମ ଯୁଗ୍ମ କମିଶନରଙ୍କ ସହ ଆଲୋଚନା କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ଅଭିଯୋଗ କରିଛି ଯେ, ସମ୍ବଲପୁର ଜନସ୍ୱାସ୍ଥ୍ୟ ଖଣ୍ଡ ଅଧୀନରେ ପମ୍ପ ଚାଳକ, ଫିଟର ମିସ୍ତ୍ରୀ, ଇଲେକ୍ଟ୍ରିସିଆନ, ନଳକୂପ ଓ ପାଇପ ଲାଇନ ମରାମତି, ଅଫିସରେ କିରାଣି, କମ୍ପ୍ୟୁଟର ଅପରେଟର, ଫିଲ୍ଟର ଅପରେଟର ଭାବରେ ୨୮୦ ଜଣ ଅସ୍ଥାୟୀ ସିଏଲଆର କର୍ମଚାରୀ ଦୀର୍ଘ ୧୫ରୁ ୨୦ ବର୍ଷ ହେବ କାର୍ଯ୍ୟ କରୁଛନ୍ତି।



ମଙ୍ଗଳବାର ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ କର୍ମକର୍ତ୍ତାମାନେ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଛନ୍ତି।

**ଯୁଗ୍ମ ଶ୍ରମ କମିଶନରଙ୍କୁ ସ୍ମାରକପତ୍ର**

ତେବେ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରି ଦେବା ପାଇଁ ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ଖଣ୍ଡ, ସମ୍ବଲପୁରଙ୍କୁ ବହୁବାର ଅନୁରୋଧ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏଣୁ ସଂଘ ଏବଂ ସମସ୍ତ ସିଏଲଆର କର୍ମଚାରୀଙ୍କ ପକ୍ଷରୁ ଜନସ୍ୱାସ୍ଥ୍ୟ ଖଣ୍ଡ ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ କରିବା ପାଇଁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ସମେତ ବରଗଡ, ବରପାଲି, ବୁର୍ଲା, ହୀରାକୁଦ, ପଦ୍ମପୁର, ରେଢ଼ାଖୋଲ, ବିଜେପୁର, ଦେବଗଡ, କୁଚିଣ୍ଡା ପ୍ରଭୃତି ଅଞ୍ଚଳର କର୍ମଚାରୀମାନେ ସାମିଲ ଥିଲେ। ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ସମ୍ବଲପୁର ଜୋନର ଜୋନାଲ ସଂପାଦକ ସଦାଶିବ ବିଶୋଇଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ହରେସ ମହାନନ୍ଦ, ଅନିଲ ମେହେର, ନାରାୟଣ ନାଗ, ମହେଶ୍ୱର ବେହେରା, ରୋହିତ ବେହେରା, ଗୋପକାହ୍ନୁ ଭୋସାଗର, ମୋହନ ସାହୁ, ରିଙ୍କୁ ମାଝି, ନରେଶ ବିଶି, ଗୋରାଙ୍ଗ ସାହୁ, ଦୀପକ ନାଗ, ଚୌଡାମଣି ବାଗ, କେଦାର ପଟେଲ , ବିଜୟ ବୁଡେକ, ରଞ୍ଜନ ଜିତ, ରିଙ୍କୁ ବିଶୋଇ, ଜିତେନ ଲୁହା, ବସନ୍ତ ନାୟକ, ପ୍ରତାପ ସାହୁ, ସୁମନ୍ତ ଦାଣ୍ଡି, ବୀରକିଶୋର ଧରୁଆ, ଉମେଶ ଭୋଇ, ବାବୁଲା ସାହୁ, ଗୌତମ ଧଳ, ଗଣେଷ ବାଗ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

